### ପ୍ଲଟ୍ ବ୍ୟବସାୟୀ ସୁଧୀର ହତ୍ୟା ମାମଲା

# ପୁଣି ୪ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିଲା ପୁଲିସ

ବ୍ରହ୍ମପୁର,୨୯ ।୪(ସମିସ)

ପ୍ଲଟ୍ ବ୍ୟବସାୟୀ ସୁଧୀର ପାତ୍ର ହତ୍ୟା ମାମଲାରେ ଗୋପାଳପୁର ପୁଲିସ ପୁଣି ୪ ଅଭିଯୁକ୍ତଙ୍କୁ ଦିନିକିଆ ରିମାଣ୍ଡରେ ଆଣି ଜେରା ଚଳାଇଛି । ସେମାନେ ହେଲେ ମୃତ ସୁଧୀରଙ୍କ ପୁତୁରା ତୁଷାର ପାତ୍ର, ଝିଆରୀ ନିବେଦିତା ପାତ୍ର, ନିବେଦିତାଙ୍କ ପ୍ରେମିକ କାଲୁ ଚରଣ ପ୍ରଧାନ ଓ ସୁପାରିକିଲର୍ ସୂର୍ଯ୍ୟପ୍ରତାପ ସିଂ ଓରଫ ଗଲୁ ।

ରିମାଣ୍ଡରେ ଆଣି ପୁଲିସ ପ୍ରଥମେ ନିବେଦିତା ଓ କାଲୁକୁ ମୁହାଁମୁହିଁ ଜେରା କରିଥିଲା । ପରେ କାଲୁ, ନିବେଦିତା ଓ ସୂର୍ଯ୍ୟଙ୍କୁ ଜେରା କରିଥିଲା । ଏହାପରେ କାଲୁ, ନିବେଦିତା ଓ ତୁଷାରକୁ ଜେରା କରିଥିଲା । ଶେଷରେ କାଲୁ, ନିବେଦିତା, ସୂର୍ଯ୍ୟ ଓ ତୁଷାରଙ୍କୁ ଜେରା କରି ଘଟଣା ସମ୍ପର୍କରେ ବହୁ ତଥ୍ୟ ହାସଲ କରିବା ସହ ମୋବାଇଲ କଲ୍‌ହିଷ୍ଟ୍ରି ଓ ହ୍ୱାଟ୍ସଆପ୍ କଲ୍ ଓ ମେସେଜ ଯାଞ୍ଚ କରିଥିଲା ପୁଲିସ ।






ସେପଟେ ଘଟଣାସ୍ଥଳରୁ ଜବତ କାଠ ଡ଼ାଙ୍ଗ, ମଦ ବୋତଲ ଓ ପିନ୍ଧିଥିବା କପଡ଼ା ସବୁକୁ ଫରେନ୍‌ସିକ୍ ପରୀକ୍ଷା ପାଇଁ ପଠାଯାଇଥିବା ଜଣାପଡ଼ିଛି ।

ଅନ୍ୟପକ୍ଷରେ ସୁଧୀରଙ୍କ କିଭଳି ହୋଇଛି ମୃତ୍ୟୁ ହୋଇଛି ଏଫ୍‌ଏମ୍‌ଟି ରିପୋର୍ଟରୁ ସ୍ପଷ୍ଟ ହୋଇଛି । ଗୁଳି ମାଡ଼ରେ ନୁହେଁ ବରଂ ତାଙ୍କୁ ପିଟି ପିଟି ହତ୍ୟା କରିଛନ୍ତି ଅଭିଯୁକ୍ତମାନେ । ଏଭଳି କିଛି ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି ଏଫ୍‌ଏମ୍‌ଟି ରିପୋର୍ଟରୁ । ଏନେଇ ସୂଚନା ଦେଇଛନ୍ତି ବ୍ରହ୍ମପୁର ଏମକେସିଜି ମେଡ଼ିକାଲ ଏଫଏମଟି ବିଭାଗର ମୁଖ୍ୟ ପ୍ରଫେସର ଡ଼ାକ୍ତର ସୁଦୀପା ଦାସ । ସେ କହିଛନ୍ତି, ମୃତଦେହ ମିଳିବାର ପ୍ରାୟ ୫ଦିନ ପୂର୍ବରୁ ହିଁ ମୃତ୍ୟୁ ହୋଇଥିବା ଜଣାପଡୁଛି । ସୁଧୀରଙ୍କ ମୁଣ୍ଡ ଓ ପିଞ୍ଜରା ହାଡ଼ରେ ଗଭୀର ଆଘାତ ଯୋଗୁଁ ହିଁ ତାଙ୍କର ମୃତ୍ୟୁ ହୋଇଛି । ଶରୀରରେ ଗୁଳି ବାଜିଥିବା କିଛି ବି ସ୍ପଷ୍ଟ ହୋଇନି । ଯେହେତୁ ମୃତଦେହଟି ସମ୍ପୂର୍ଣ୍ଣ କଙ୍କାଳ ଅବସ୍ଥାରେ ଜବତ ହୋଇଥିଲା ତେଣୁ ଭିସାରା ମିଳିନଥିଲା । ଫଳରେ ମୃତଦେହରେ କଳଦାନ୍ତକୁ ନମୁନା ଭାବେ ସଂଗ୍ରହ କରାଯାଇ ଷ୍ଟେଟ୍ ଫରେନ୍‌ସିକ୍ ଲାବ୍ରୋଟୋରିକୁ ପଠାଇ ଦିଆଯାଇଛି । ଏହାର ରିପୋର୍ଟ ଖୁବଶୀଘ୍ର ଆସିବା ପରେ ତାହା ତଦନ୍ତକାରୀ ଅଧିକାରୀଙ୍କୁ ପ୍ରଦାନ କରାଯିବ ।

■ ମୁଣ୍ଡ ଓ ପଞ୍ଜରା ହାଡ଼ରେ ଗଭୀର ଆଘାତ ଯୋଗୁଁ ମୃତ୍ୟୁ ହୋଇଛି
■ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଅଟକ

ଅପରପକ୍ଷେ ପୂର୍ବରୁ ପୁଲିସ ୫ ଜଣ କାଲୁ, ସୂର୍ଯ୍ୟ ସମେତ ଆଶିଷ ମହାପାତ୍ର, ଜିତୁନ ପଳାଇ ଓ ନାରାୟଣ ପ୍ରଧାନ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ପଚରାଉଚୁରା କରିବା ପରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିସାରିଛି । ବର୍ତ୍ତମାନ ପୁଣି ୪ ଜଣଙ୍କୁ ରିମାଣ୍ଡରେ ଆଣି ମୁହାଁମୁହିଁ ଜେରା ପରେ ଯେଉଁ ତଥ୍ୟ ମିଳୁଛି ସେହି ଅନୁସାରେ ତଦନ୍ତକୁ ମଧ୍ୟ ଆଗକୁ ବଢ଼ାଯାଉଛି । ଏହାଛଡ଼ା ପ୍ରତିଦିନ ଦୁଇରୁ ତିନି ଜଣଙ୍କୁ ଆଣି ପଚରାଉଚୁରା କରାଯାଉଛି । ଯେଉଁମାନେ ଏହି ହତ୍ୟା ଘଟଣାରେ ସମ୍ପୃକ୍ତ ଥାଇ ଫେରାର ଅଛନ୍ତି ସେମାନଙ୍କୁ ମଧ୍ୟ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସୂଚନା ଦେଇଛନ୍ତି ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର । ସେପଟେ ସୁଧୀରଙ୍କ ମା' ଓ ଝିଅଙ୍କ ଅଭିଯୋଗ କ୍ରମେ ତାଙ୍କ ଭାଉଜ ତଥା ନିବେଦିତାଙ୍କ ମା ଓ ମାମୁଁଙ୍କୁ ପୁଲିସ ପଚରାଉଚୁରା କରୁଛି । ଏହାସହ ପୁଲିସ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକକୁ ଥାନାକୁ ଆଣି ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି ।

---

### ● ଷଷ୍ଠଶ୍ରେଣୀ ଛାତ୍ରୀଙ୍କୁ ଦୁଷ୍କର୍ମ ମାମଲା

## ଅଭିଯୁକ୍ତକୁ ୨୦ବର୍ଷ ଜେଲ୍

ବ୍ରହ୍ମପୁର,୨୯ ।୪(ସମିସ): ଫାଷ୍ଟଟ୍ରାକ୍ ପୋକ୍‌ସୋ ଜଜ୍ ରୋହିତଲାଲ ପଣ୍ଡା ବୁଧବାର ଜନୈକା ନାବାଳିକାଙ୍କୁ ଦୁଷ୍କର୍ମ ମାମଲାର ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ସେ ହେଲେ ଗଜପତି ଜିଲ୍ଲାର ରେହନ ଓରଫ ଫିଲିମନ ଶବର(୩୩) । ଅଭିଯୁକ୍ତକୁ ୨୦ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ ସହ ୫୦ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦାୟ ଅତିରିକ୍ତ ୬ମାସ ସଶ୍ରମ କାରାଦଣ୍ଡ ନିର୍ଦ୍ଦେଶ ରହିଛି । ସେହିପରି ପୀଡ଼ିତାଙ୍କୁ ୫ଲକ୍ଷ ଟଙ୍କା ଆର୍ଥିକ ସହାୟତା ଯୋଗାଇଦେବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରକାଶ ଯେ, ଫିଲିମନ ପାଟପୁର ଅଞ୍ଚଳକୁ ଆସି ଜଣେ ଷଷ୍ଠ ଶ୍ରେଣୀର ଛାତ୍ରୀଙ୍କ ସହ ପ୍ରେମ ସମ୍ପର୍କ ରଖିଥିଲେ । ପରେ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବାରୁ ସେ ଗର୍ଭବତୀ ହୋଇଥିଲେ । ଫିଲିମନକୁ ବିବାହ କରିବାକୁ କହିବାରୁ ସେ ଗର୍ଭପାତ କରିବାକୁ ବାଧ କରିଥିଲେ । ଘର ଲୋକ ଜାଣିବା ପରେ ଫିଲିମନକୁ ପଚାରିବାରୁ ସେ ବିବାହ କରିବାକୁ ମନା କରିବା ସହ ପୀଡ଼ିତାଙ୍କ ପରିବାର ଲୋକଙ୍କୁ ଧମକଚମକ ଦେଇଥିଲେ । ଶେଷରେ ଏନେଇ ପାଟପୁର ଥାନାରେ ୨୦୧୭ ଅଗଷ୍ଟ ୧ତାରିଖରେ ଅଭିଯୋଗ ପରେ ନଂ.୧୧୯/୧୭ରେ ଏକ ମାମଲା ରୁଜୁ ହୋଇଥିଲା । ତତ୍କାଳୀନ ଏସଆଇ ତଥା ତଦନ୍ତକାରୀ ଅଧିକାରୀ ତରୁଲତା ବେହେରା ଘଟଣାର ତଦନ୍ତ ପରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ପରେ ପୀଡ଼ିତା ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ । ୩ ମାସ ପରେ ଛୁଆଟିର ମୃତ୍ୟୁ ଘଟିଥିଲା । ମାମଲାର ବିଚାରଣା ବେଳେ ୧୯ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ଜାମିନରେ ଥିବା ଅଭିଯୁକ୍ତ ଫିଲିମନ ରାୟପ୍ରକାଶ ବେଳେ କୋର୍ଟରେ ହାଜର ହୋଇଥିଲେ । ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ମିଳିଥିବାରୁ କୋର୍ଟ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଡ. ଶିବ ପ୍ରସାଦ ମିଶ୍ର ମାମଲା ପରିଚାଳନା କରିଥିଲେ ।

### ■ ପୀତବାସ ପଣ୍ଡା ହତ୍ୟା ମାମଲା

## ଅସ୍ଥିଶଲ୍ୟ ବିଭାଗରେ ଭର୍ତ୍ତି ହେଲେ ମଦନ

ବ୍ରହ୍ମପୁର,୨୯ ।୪(ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ହୋଇଥିବା ଆଇନଜୀବୀ ମଦନ ଦଳେଇ ଗତକାଲି ଚିକିତ୍ସା ନିମନ୍ତେ ବ୍ରହ୍ମପୁର ଏମକେସିଜି ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି । ତାଙ୍କର ଉତ୍ତମ ଚିକିତ୍ସା ସହ ଗୋଡ଼ର ଅସ୍ତ୍ରୋପଚାର ନିମନ୍ତେ ତାଙ୍କୁ ମେଡ଼ିକାଲରେ ଭର୍ତ୍ତି କରାଯାଇଛି । ଆଜି ଅସ୍ତ୍ରୋପଚାର ହୋଇନଥିବା ବେଳେ ଆଗାମୀ ଦିନରେ ହେବ ବୋଲି ଜଣାପଡିଛି । ଏହି ମାମଲାରେ ମୋଟ ୧୬ଜଣ ଗିରଫ ହୋଇଛନ୍ତି । ସେଥିରୁ ରାଜେନ୍ଦ୍ର ସାହୁଙ୍କୁ କୋର୍ଟ ଜାମିନ ଦେଇଛି ।

## ଗଞ୍ଜେଇ ଜବତ; ତାମିଲ୍ ଯୁବକ ଗିରଫ

ବ୍ରହ୍ମପୁର,୨୯ ।୪(ସମିସ): ବ୍ରହ୍ମପୁର ରେଳ ଷ୍ଟେସନ ନିକଟରୁ ତାମିଲନାଡୁର ଜଣେ ଯୁବକଙ୍କଠାରୁ ଗୋଷାଣୀନୂଆଗାଁ ଥାନା ପୁଲିସ ୮କେଜି ୧୨୫ଗ୍ରାମ ଗଞ୍ଜେଇ ଜବତ କରିଛି । ଗିରଫ ଅଭିଯୁକ୍ତ ଜଣକ ତାମିଲନାଡୁ ରାଜ୍ୟ ତିରୁଭାଲୁର ଜିଲା ଚିନ୍ନାସେକ୍କାଡୁ ଅଞ୍ଚଳର ପ୍ରଭୁଦେବା ଦେବେନ୍ଦ୍ରନ(୨୭) । ଏନେଇ ଥାନାରେ ଏକ ମାମଲା(୫୪/୨୬) ରୁଜୁ ହେବା ସହ ଅଭିଯୁକ୍ତ ପ୍ରଭୁଦେବାକୁ ଅଦାଲତ ଚାଲାଣ କରାଯାଇଛି ।

ସୂଚନାପ୍ରକାରେ, ଗତକାଲି ଅପରାହ୍ନ ୫ଟାରେ ଗୋଷାଣିନୂଆଗାଁ ଥାନା ଏସଆଇ ଗୌରବ ରଞ୍ଜନ ଦାସ ଏବଂ ତାଙ୍କ ଟିମ୍ ରେଲଷ୍ଟେସନ ରୋଡ ଅଞ୍ଚଳରେ ପାଟ୍ରୋଲିଂ ବେଳେ ଧଳା ରଙ୍ଗର ଏକ ବଡ ଜରି ବ୍ୟାଗ୍ ଧରି ରେଲଷ୍ଟେସନ ଆଡ଼କୁ ଯାଉଥିବା ପ୍ରଭୁଦେବାଙ୍କୁ ପୁଲିସ ଟିମ ଦେଖିବାକୁ ପାଇଥିଲା । ମାଟିହାଣ୍ଡି ହୋଟେଲ ସମ୍ମୁଖ ରାସ୍ତାରେ ସନ୍ଦିଗ୍ଧ ଯୁବକଙ୍କୁ କାବୁ କରି ଯାଞ୍ଚ ବେଳେ ବ୍ୟାଗ୍ ଭିତରୁ ୮ କେଜି ୧୨୫ ଗ୍ରାମ ଗଞ୍ଜେଇ ମିଳିଥିଲା । ପୁଲିସ ଅଭିଯୁକ୍ତ ପ୍ରଭୁଦେବା ନିକଟରୁ ଏକ ମୋବାଇଲ୍ ଫୋନ୍ ମଧ୍ୟ ଜବତ କରିଥିଲା । ସେ ଉକ୍ତ ଗଞ୍ଜେଇକୁ ବ୍ରହ୍ମପୁରରୁ ଚେନ୍ନାଇକୁ ଚାଲାଣ କରିଥାନ୍ତେ ବୋଲି ପୁଲିସ ତଦନ୍ତରୁ ଜାଣିବାକୁ ପାଇଛି ।

---

### ● ପରିବେଶ ଓ ସହରର ସାମଗ୍ରୀକ ଉନ୍ନତି ଉପରେ ବିଏମ୍‌ସିର ଫୋକସ୍

## ରାସ୍ତାକଡ଼ରେ ଛେଳିକଟା ଓ ବେପାର ଉପରେ କଟକଣା

ବ୍ରହ୍ମପୁର,୨୯ ।୪(ସମିସ): ସହରର ବିଭିନ୍ନ ପୋଖରୀର ପୁନଃରୁଦ୍ଧାର ସହିତ ଉନ୍ନତିକରଣ ପାଇଁ ବହୁକୋଟି ଟଙ୍କାର ଅନୁଦାନ ଆସିଛି । ଏହି କ୍ରମରେ ବିଭିନ୍ନ ପୋଖରୀର ଉନ୍ନତିକରଣ ଜାରି ରହିଛି । ସହରର ବେଢାବନ୍ଧ ପାଇଁ ୬କୋଟି ଓ ଆକୁଳାବନ୍ଧ ପାଇଁ ପ୍ରାୟ ୯କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଅନୁଦାନ ଆସିଥିବା ବେଳେ ଏହାର କାର୍ଯ୍ୟ ତ୍ୱରାନ୍ୱିତ



### ପୋଖରୀ ପୁନରୁଦ୍ଧାର ଓ ଉନ୍ନତିକରଣ ସହ ଭେଣ୍ଡିଂଜୋନ୍ ପରିଚାଳନାକୁ ଗୁରୁତ୍ୱ

କରି ଶୀଘ୍ର ସାରିବା ଉପରେ ଗୁରୁତ୍ୱ ଦିଆଯାଇଛି । ସେହିଭଳି ମର୍ଦ୍ଦରାଜ ଭେଣ୍ଡିଂ ଜୋନର ଉଭୟ ପନିପରିବା ଓ ଆମିଷ ଦୋକାନୀଙ୍କୁ ଆବଶ୍ୟକ ସୁବିଧା ପ୍ରଦାନ କରି ପରିବେଶ ସୁରକ୍ଷା ରଖିବା ଓ ଭେଣ୍ଡିଂଜୋନ୍‌କୁ କିଭଳି କାର୍ଯ୍ୟକ୍ଷମ କରାଯିବ ସେନେଇ ତାଗିଦ କରାଯାଇଛି । ଆଜି ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେଡ୍ଡୀ, କମିଶନର ସୁଶ୍ରୀ ଏ. ସସ୍ୟା ରେଡ୍ଡୀଙ୍କ ସମେତ ଇଂଜିନିୟରିଂ ବିଭାଗ ଓ ବିଭିନ୍ନ ୱାର୍ଡର କର୍ପୋରେଟର ଯଥା ଧୀରେଶ ସାବତ, ବି. ଶ୍ରୀନିବାସ ରାଓ ପ୍ରମୁଖଙ୍କ ଉପସ୍ଥିତିରେ ବିଭିନ୍ନ ସ୍ଥାନ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ । ଉଭୟ ଆକୁଳାବନ୍ଧ ଓ ବେଢାବନ୍ଧ କାର୍ଯ୍ୟକୁ ଶୀଘ୍ର ସାରିବାକୁ ଉଭୟ ମେୟର ଓ କମିଶନର ନିର୍ଦ୍ଦେଶ ଦେଇଥିଲେ । ସେପଟେ ମର୍ଦ୍ଦରାଜ ଭେଣ୍ଡିଂ ଜୋନରେ ପ୍ରକୃତ ବ୍ୟବସାୟୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ଦାବି ମୁତାବକ ଆବଶ୍ୟକ ବ୍ୟବସ୍ଥା କରାଯିବ । ତେବେ କୌଣସି ପରିସ୍ଥିତିରେ ରାସ୍ତାକଡରେ ଅଥବା ଭେଣ୍ଡିଂ ଜୋନରେ ପିଣ୍ଡି ବାହାରେ ବ୍ୟବସାୟ କରିବାକୁ ବରଦାସ୍ତ କରାଯିବ ନାହିଁ । ରାସ୍ତାକଡରେ ପନିପରିବା ବିକ୍ରୟକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯିବ । ପ୍ରକୃତ ହିତାଧିକାରୀ ବା ବ୍ୟବସାୟୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ପିଣ୍ଡି ପାଇଁ ଅଗ୍ରାଧିକାର ଦିଆଯିବ । ସେମାନେ ଏଥିରେ ସହମତ ନହେଲେ ସେମାନଙ୍କୁ ହିତାଧିକାରୀ ତାଲିକାରୁ ବାଦ ଦିଆଯିବ ବୋଲି ନିଗମ ପକ୍ଷରୁ ସ୍ପଷ୍ଟ କରାଯାଇଛି । ସମ୍ପ୍ରତି ମର୍ଦ୍ଦରାଜ ଭେଣ୍ଡିଂ ଜୋନର ଆମିଷ ବଜାରର ଉନ୍ନତିକରଣ ପାଇଁ ୧କୋଟି ଟଙ୍କାର ଟେଣ୍ଡର ଆହ୍ୱାନ ହୋଇସାରିଛି ଏବଂ ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ । ସେପଟେ ମଇ ପହିଲାରୁ କଂସେଇଖାନା ବ୍ୟତୀତ ଅନ୍ୟ କେଉଁ ସ୍ଥାନରେ ଛେଳି କଟା ଉପରେ ନିଷେଧାଦେଶ ଜାରି କରାଯାଇଛି । ଏନଫୋର୍ସମେଣ୍ଟ ଟିମ ଦ୍ୱାରା ସହରର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଦୋକାନ ସିଲ ସହିତ ୨ ହଜାର ଟଙ୍କାର ଜରିମାନା ମଧ୍ୟ ଆଦାୟ କରାଯିବ ବୋଲି ସ୍ପଷ୍ଟ କରିଛନ୍ତି ମେୟର ଓ କମିଶନର ।

---

## ସିଂହଦ୍ୱାର ମୁଖଶାଳା ପ୍ରତିଷ୍ଠା ଓ ମହାଯଜ୍ଞ ପାଇଁ ଶୁଭଖୁଣ୍ଟି ସ୍ଥାପନ

ବ୍ରହ୍ମପୁର,୨୯ ।୪(ସମିସ): ଗଜପତିନଗର ଓ ବାସୁଦେବନଗର ହନୁମାନ ମନ୍ଦିର ପରିଚାଳନା କମିଟି ଓ ଅଞ୍ଚଳବାସୀଙ୍କ ପକ୍ଷରୁ ମନ୍ଦିରର ସିଂହଦ୍ୱାର ମୁଖଶାଳା ଓ ବିଶ୍ୱଶାନ୍ତି ମହାଯଜ୍ଞର ଆୟୋଜନ କରାଯାଉଛି । ଆସନ୍ତା ମଇ ୩ରୁ ୬ତାରିଖ ପର୍ଯ୍ୟନ୍ତ ୪ଦିନ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥିପାଇଁ ମନ୍ଦିର ପରିସରରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି । ବହୁ ପୁରୁଣା ଏହି ମନ୍ଦିରର ପୁନଃରୁଦ୍ଧାର ପାଇଁ ଉଭୟ ସରକାରୀ ଓ ଅଞ୍ଚଳବାସୀଙ୍କ ସହଯୋଗରେ ବହୁବିଧ ଉନ୍ନତି କରାଯାଇଛି । ଏଥିରେ ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ସମେତ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବର୍ତ୍ତମାନର ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାରଙ୍କ ଆର୍ଥିକ ସହାୟତା ମନ୍ଦିରର ଉନ୍ନତିକରଣ କାର୍ଯ୍ୟରେ ବେଶ ସହାୟକ ହୋଇପାରିଛି । ମନ୍ଦିରର ଉନ୍ନତିକରଣ କାର୍ଯ୍ୟ ଆଗକୁ ଜାରି ରହିଥିବା ବେଳେ ସମସ୍ତଙ୍କ ସହଯୋଗରେ ବିଶ୍ୱଶାନ୍ତି ମହାଯଜ୍ଞର ଆୟୋଜନ କରାଯାଉଛି । ଆସନ୍ତା ରବିବାର ୩ ତାରିଖ ପୂର୍ବାହ୍ନରେ ଦୀକ୍ଷାଗ୍ରହଣ ଓ ଅଙ୍କୁରାରୋପଣ ସହିତ ଅପରାହ୍ନରେ ପ୍ରାୟ ୩ଶହରୁ ଉର୍ଦ୍ଧ୍ୱ ମହିଳାଙ୍କ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହେବ । ଚୀରସ୍ରୋତା ଋଷିକୂଲ୍ୟା ନଦୀରୁ ଜଳ ଧାରଣ କରି ମହିଳାମାନେ ସହର ପରିକ୍ରମା କରିବେ । ପରେ ୪ତାରିଖ ଠାରୁ ୬ତାରିଖ ପର୍ଯ୍ୟନ୍ତ ଦିର୍ଘ ୩ଦିନ ଧରି ଯଥାକ୍ରମେ ସୂର୍ଯ୍ୟପୂଜା, କର୍ମାରମ୍ଭ, ବ୍ରହ୍ମଣ ବରଣ, ଶାଳା ସଂସ୍କାର, ମଣ୍ଡଳାଦିପୂଜା, ବୈଦିକାଗ୍ନି ସ୍ଥାପନ, ଅଧିବାସ ଓ ଘୃତଯଜ୍ଞ ଆରମ୍ଭ ସହିତ ଗୀତାଯଜ୍ଞ ଓ ନାମଯଜ୍ଞ ସହିତ ପ୍ରତ୍ୟହ ଅନ୍ନଯଜ୍ଞର କାର୍ଯ୍ୟକ୍ରମ ରହିଛି । ପ୍ରତିଦିନ ଅନ୍ୟୁନ



୪ହଜାରରୁ ୫ହଜାର ଭକ୍ତ ତଥା ଶ୍ରଦ୍ଧାଳୁ ପ୍ରସାଦ ସେବନ କରିବାର ବ୍ୟବସ୍ଥା ମନ୍ଦିର ତଥା ଯଜ୍ଞ ପରିଚାଳନା କମିଟି ପକ୍ଷରୁ କରାଯାଇଛି । କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ସ୍ଥାନୀୟ କର୍ପୋରେଟର ସମୀର କୁମାର ମିଶ୍ରଙ୍କୁ ଅଧକ୍ଷ ଓ ମନ୍ଦିରର ପୂର୍ବତନ ସଭାପତି ରାଜେନ୍ଦ୍ର କୁମାର ପଣ୍ଡାଙ୍କୁ ଆବାହକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇ ଉଭୟଙ୍କ ଅଧିନରେ ବହୁ କମିଟି ଗଠନ କରାଯାଇ ବିଭିନ୍ନ ବିଭାଗର ଦାୟିତ୍ୱ ବଣ୍ଟନ କରାଯାଇଛି । ଆଜି ଶୁଭଖୁଣ୍ଟି ସ୍ଥାପନ ବେଳେ ମହାଯଜ୍ଞ ଆୟୋଜନ ପାଇଁ ଗଠିତ ବିଭିନ୍ନ କମିଟି ସହିତ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ ।

---

## ଟିପିଏସ୍‌ଓଡିଏଲ୍ ତରଫରୁ ବ୍ରହ୍ମପୁରରେ ରକ୍ତଦାନ ଶିବିର



ବ୍ରହ୍ମପୁର,୨୯ ।୪(ସମିସ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍), ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ସାମାଜିକ ଦାୟିତ୍ୱ ଏବଂ ସମୁଦାୟର କଲ୍ୟାଣ ପ୍ରତି ଥିବା ପ୍ରତିବଦ୍ଧତାକୁ ଦର୍ଶାଇ ବ୍ରହ୍ମପୁରରେ ଏକ ରକ୍ତଦାନ ଶିବିର ଆୟୋଜନ କରିଛି ।

ଶିବିର ଶିକ୍ଷାବିତ୍ ତଥା ସମାଜସେବୀ ମଞ୍ଜୁ ଗର୍ଗଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ଏଥିରେ ଟିପିଏସ୍‌ଓଡିଏଲର କର୍ମଚାରୀମାନେ ଉତ୍ସାହର ସହିତ ସାମିଲ ହୋଇଥିଲେ । ଆୟୋଜିତ ଶିବିରରୁ ମୋଟ ୪୩ ୟୁନିଟ ରକ୍ତ ସଂଗୃହୀତ ହୋଇଛି । ଉଲ୍ଲେଖଯୋଗ୍ୟ ଯେ, ଚଳିତ ଆର୍ଥିକ ବର୍ଷରେ ଏହା ବ୍ରହ୍ମପୁର ସର୍କଲର ପ୍ରଥମ ରକ୍ତଦାନ ଶିବିର । ଏହି ଅବସରରେ ଅମିତ କୁମାର ଗର୍ଗ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏସ୍‌ଓଡିଏଲ୍ କହିଛନ୍ତି, ଆମ କର୍ମଚାରୀମାନଙ୍କର ଏଥିରେ ଯୋଗଦାନ ଦେଖି ବହୁତ ଉତ୍ସାହିତ ହେଉଛୁ । ଟିପିଏସ୍‌ଓଡିଏଲରେ ଆମେ ସମୁଦାୟର ସେବାକୁ ଏକ ସମନ୍ୱିତ ଦାୟିତ୍ୱ ଭାବରେ ଗଢ଼ି ତୋଳିବା ପାଇଁ ପ୍ରତିବଦ୍ଧ ରହିଛୁ ।

---

### ପ୍ରଥମ ବ୍ରହ୍ମପୁର ବୁଲ୍ସ ଟ୍ରଫି

## ଫାଇନାଲ୍‌ରେ ଆଲ୍‌ଫା କ୍ରିକେଟ କ୍ଲବ୍



ବ୍ରହ୍ମପୁର,୨୯।୪(ସମିସ): ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ପ୍ରଥମ ବ୍ରହ୍ମପୁର ବୁଲ୍ସ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିନରେ ଦୁଇଟି ମ୍ୟାଚ ଖେଳା ଯାଇଥିଲା । ପ୍ରଥମ ମ୍ୟାଚ ଦିଗପହଣ୍ଡି କ୍ରିକେଟ କ୍ଲବ ବନାମ ଖାଲେକ୍ସି କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା । ଦିଗପହଣ୍ଡି ଟସ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ୨୦ ଓଭରରେ ୭ ୱିକେଟ ହରାଇ ମୋଟ ୧୧୮ ରନ୍ କରିଥିଲା । ଜବାବରେ ଖାଲେକ୍ସି କ୍ରିକେଟ କ୍ଲବ ୧୮ ଓଭର ୪ ବଲରେ ୬ ୱିକେଟ ବିନିମୟରେ ୧୧୯ ରନ୍ ସଂଗ୍ରହ କରି ବିଜୟ ହାସଲ କରିଥିଲା । ଦ୍ୱିତୀୟ ମ୍ୟାଚ ତଥା ପ୍ରଥମ ସେମି ଫାଇନାଲ ମ୍ୟାଚ ରମ୍ଭା କ୍ରିକେଟ କ୍ଲବ ବନାମ ଆଲ୍‌ଫା କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା । ରମ୍ଭା ପ୍ରଥମେ ଟସ୍ ଜିଣି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ୧୮ ଓଭରରେ ସମସ୍ତ ୱିକେଟ ହରାଇ ୭୫ରନ୍ ସଂଗ୍ରହ କରିଥିଲା । ଆଲ୍‌ଫା ଦଳ ୧୨ଓଭରରେ ୭୬ରନ୍ ସଂଗ୍ରହ କରି ବିଜୟ ହାସଲ କରି ଫାଇନାଲରେ ପ୍ରବେଶ କରିଛି । ଅନ୍ୟପକ୍ଷରେ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଅକ୍ସଫୋର୍ଡ କ୍ରିକେଟ ବନାମ ଖାଲେକ୍ସୀ କ୍ରିକେଟ କ୍ଲବ ମଧ୍ୟରେ ହେବ । ବିରେନ ମିଶ୍ର, ଶ୍ୟାମ ସୁନ୍ଦର ନାୟକ, ରଞ୍ଜିନୀ କାନ୍ତ ରେ‡ୀ ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ ।

---

### ଏମ୍‌କେସିଜିର ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳଙ୍କ ସମୀକ୍ଷା

# ସୁରକ୍ଷାକୁ ଗୁରୁତ୍ୱ, ଉତ୍ତମ ସେବା ଯୋଗାଇବାକୁ ପରାମର୍ଶ

ବ୍ରହ୍ମପୁର,୨୯ ।୪(ସମିସ)




ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲର ବିଭିନ୍ନ ପ୍ରସଙ୍ଗ ସମେତ ଉନ୍ନୟନ କାର୍ଯ୍ୟକୁ ନେଇ ବୁଧବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ବୈଠକରେ ମେଡ଼ିକାଲ କଲେଜ ଓ ହସ୍ପିଟାଲ ଅଧକ୍ଷ ତଥା ଭାରପ୍ରାପ୍ତ ଅଧୀକ୍ଷକ ପ୍ରଫେସର ଡ଼ା. ସୁଚିତ୍ରା ଦାଶ, ରେଜିଷ୍ଟ୍ରାର ଡ. ଶ୍ୱେତ କୁମାର ଦାଶଙ୍କ ସମେତ ବିଭିନ୍ନ ବିଭାର ବିଭାଗୀୟ ମୁଖ୍ୟ ଉପସ୍ଥିତ ଥିଲେ । ବୈଠକରେ ପ୍ରଫେସର ଏବଂ ବିଭାଗୀୟ ମୁଖ୍ୟମାନେ ରୋଗୀସେବା ଏବଂ ପ୍ରତିଷ୍ଠାନର ଶୈକ୍ଷିକ କାର୍ଯ୍ୟକଳାପ ପରିଚାଳନାରେ ସେମାନଙ୍କର ଉପୁଜୁଥିବା ସମସ୍ୟା ସମ୍ପର୍କରେ ଜିଲ୍ଲାପାଳ ଓ କର୍ତ୍ତୃପକ୍ଷଙ୍କ ଅବଗତ କରିଥିଲେ ।

ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବା ବେଳେ ମେଡ଼ିକାଲରେ ରୋଗୀ ଓ କର୍ମଚାରୀଙ୍କ ଆବଶ୍ୟକ ମୁତାବକ ଏସି ଓ ପଙ୍ଖାର ବ୍ୟବସ୍ଥା ନଥିବା ଡ଼ାକ୍ତରମାନେ ଅଭିଯୋଗ କରିଥିଲେ । ଫଳରେ ରୋଗୀ ଚିକିତ୍ସା ଓ ସେବାରେ ସମସ୍ୟା ସୃଷ୍ଟି ହେଉଥିବା କହିଥିଲେ । ଏହାର ସ୍ଥାୟୀ ସମାଧାନ କରିବାକୁ ଗୁରୁତ୍ୱ ଦେଇଥିଲେ । ସେହିପରି ମେଡ଼ିକାଲର ବିଭିନ୍ନ ସ୍ଥାନରେ ଲାଗିଥିବା ଏସି ଆଉଟ୍ ଡ଼ୋର ସମେତ ବହୁ ସାମଗ୍ରୀ ବାରମ୍ବାର ଚୋରି ହେଉଛି । ଯାହା ସିଧାସଳଖ ରୋଗୀ ଚିକିତ୍ସା ଓ ସେବାରେ ବାଧା ସୃଷ୍ଟି କରୁଛି । ଏହାକୁ ଜିଲ୍ଲାପାଳ ଗୁରୁତ୍ୱର ସହ ଗ୍ରହଣ କରିଥିବା ବେଳେ ସମସ୍ୟା ସମାଧାନ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମେଡ଼ିକାଲର ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରିବା ସହ ଅବସରପ୍ରାପ୍ତ ସେନା କର୍ମଚାରୀ ଓ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା ।

ସେହିପରି ମେଡିକାଲ ପରିସରରେ ଥିବା ବାଳିକା ପିଜି ହଷ୍ଟେଲ, ଲେଡିସ୍ ହଷ୍ଟେଲ, ସିନିୟର୍ ରେସିଡ଼ାଣ୍ଟ ହଷ୍ଟେଲ, ୟୁଜି ବାଳିକା ହଷ୍ଟେଲ, ସୁପର ସ୍ପେସିଆଲିଟି କୋଠା, ପିଏମଏସଏସୱାଇ କୋଠା, ଆରଡିସି ଓ ଅଡିଟୋରିଅମ କୋଠା ସହିତ ୧୨ରୁ ଅଧିକ ୩ରୁ ୪ମହଲା ବିଶିଷ୍ଟ କୋଠାରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା ନାହିଁ । ପ୍ରାୟ ଗତ ୨ବର୍ଷ ଧରି ମେଡିକାଲର ବିଭିନ୍ନ କୋଠାରେ ଆବଶ୍ୟକ ଅଗ୍ନି ସୁରକ୍ଷା ବ୍ୟବସ୍ଥା ନଥôବା ସତ୍ତ୍ୱେ ମେଡିକାଲ କର୍ତ୍ତୃପକ୍ଷ, ପୂର୍ତ୍ତ ବିଭାଗ ଓ ସାଧାରଣ ବିଦ୍ୟୁତ ବିଭାଗ ପକ୍ଷରୁ ଏହାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ନଥିବା ବେଳେ ଏ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚାନ କରାଯାଇଥିଲା । ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଖାଲିପଡ଼ିଥିବା ବିଭିନ୍ନ ପଦବୀର ତାଲିକା ପ୍ରସ୍ତୁତ କରି ପୂରଣ ନିମନ୍ତେ ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରିବା । ମେଡ଼ିକାଲର ବିଭିନ୍ନ ବିଭାଗରେ ବ୍ୟବହାର ନହୋଇ ପଡ଼ି ରହିଥିବା ମେସିନ ଗୁଡ଼ିକୁ ସଠିକ ସମୟରେ ମରାମତି କରିବା ସହ ଏହାକୁ ରୋଗୀ ଚିକିତ୍ସା ଓ ସେବାରେ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ମେଡ଼ିକାଲର ବିଭିନ୍ନ ବିଭାଗ ପରିଦର୍ଶନ କରିବା ସହ ସମସ୍ୟାର ସମାଧାନ କରିବା ସହ ହସ୍ପିଟାଲ ପରିଚାଳନା ବ୍ୟବସ୍ଥାର ତଦାରଖ କରିବାକୁ ଜିଲ୍ଲାପାଳ ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲର ରେଜିଷ୍ଟ୍ରାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା ସହ ମେଡ଼ିକାଲ ପରିସରରେ ନିର୍ମାଣାଧିନ କୋଠାର ସ୍ଥିତି ସମ୍ପର୍କରେ ଆଲୋଚନା କରାଯାଇଥିଲା । ମେଡ଼ିକାଲ ପରିସରରେ ଆଗାମୀ ଦିନରେ ଖୋଲିବାକୁ ଥିବା ଡ଼େଣ୍ଟାଲ କଲେଜର ଭିତ୍ତିଭୂମି ସମ୍ପର୍କରେ ଆଲୋଚନା କରିଥିଲେ । ଏହା ସହ ସିଦ୍ଧାର୍ଥ ନଗର ଏବଂ ଗୋଇଲୁଣ୍ଡି ରୋଡର ପ୍ରବେଶ ରାସ୍ତା ବନ୍ଦ କରିବା, ବିଭିନ୍ନ କୋଠାରେ ଲାଗିଥିବା ଲିଫ୍ଟ ସଠିକ ଭାବେ କାର୍ଯ୍ୟକ୍ଷମ କରିବା, ମେଡ଼ିକାଲ କାନ୍ଥକୁ ବେଆଇନ ଭାଙ୍ଗିବା ରୋକିବା, ମେଡିକାଲ ମଧ୍ୟକୁ ଅବୈଧ ପ୍ରବେଶ ରୋକିବା, ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଏବଂ ବିଦ୍ୟୁତ କାଟ ସମୟରେ ସଠିକ ଭାବେ ଡିଜି ସେଟ୍ ବ୍ୟବହାର କରିବାକୁ ନେଇ ଆଲୋଚାନ କରାଯାଇଥିଲା । ଆସନ୍ତା ୧୫ତାରିଖ ମଧ୍ୟରେ ସମସ୍ୟାର ସମାଧାନ ନିମନ୍ତେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ପୂର୍ତ୍ତ, ଅଗ୍ନିଶମ ଓ ସାଧାରଣ ବିଦ୍ୟୁତ ବିଭାଗ ସମେତ ମେଡ଼ିକାଲରେ ବିଭିନ୍ନ ସେବା ଯୋଗାଉଥିବା ଆଉଟ୍‌ସୋର୍ସିଂ ଏଜେନ୍ସି ମାନେ ଉପସ୍ଥିତ ରହି ବିଭିନ୍ନ ସମସ୍ୟାର ସମାଧାନ ସହ ରୋଗୀ ଓ ମେଡ଼ିକାଲ କର୍ମଚାରୀଙ୍କୁ ଉତ୍ତମ ସେବା ଯୋଗାଇ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସମ୍ପର୍କରେ ଆଲୋଚାନ କରାଯାଇଥିଲା ।

# ଗଞ୍ଜାମରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ସଂକଟାପନ୍ନ \ ଅଧାରୁ ଅଧିକ ଡାକ୍ତର ନାହାନ୍ତି; ମିଳୁନି ମୌଳିକ ସେବା

ବ୍ରହ୍ମପୁର,୨୯ ।୪(ସମିସ): ରାଜ୍ୟର ଅନ୍ୟତମ ସର୍ବବୃହତ୍ତ ଗଞ୍ଜାମ ଜିଲ୍ଲାର ସ୍ୱାସ୍ଥ୍ୟ ବ୍ୟବସ୍ଥା ଦିନକୁ ଦିନ ଧ୍ୱଂସଭିମୁଖୀ ହେଉଛି। ଡ଼ାକ୍ତର, ନର୍ସିଂ ଅଫିସର, ଫାର୍ମାସିଷ୍ଟ, ଲାବ୍ ଟେକ୍ନିସିଆନ୍‌ରୁ ଆରମ୍ଭ କରି ଚକ୍ଷୁ ସହାୟକ ପର୍ଯ୍ୟନ୍ତ ବହୁ ପଦବୀ ଖାଲି ପଡ଼ିରହିଛି। ଜିଲ୍ଲାରେ ଡ଼ାକ୍ତର ଭଳି ଗୁରୁତ୍ୱପୂର୍ଣ୍ଣ ଅନେକ ପଦବୀ ଖାଲି ରହିଛି। ସେହିଭଳି ନର୍ସିଂ ଅଫିସର ଓ ଅନ୍ୟାନ୍ୟ ପାରାମେଡିକାଲ୍ ଷ୍ଟାଫ୍‌ଙ୍କ ଭିତରେ ମଧ୍ୟ ଭୟଙ୍କର ଅଭାବ ଦେଖାଦେଇଛି। ରେଡିଓଗ୍ରାଫର, ଲାବ ଟେକ୍ନିସିଆନ୍ ଭଳି ମୂଳ ଆବଶ୍ୟକ ସେବାରେ ମଧ୍ୟ ମାନବସମ୍ବଳ ଅଭାବ ପରିଲକ୍ଷିତ ହୋଇଛି। ଯାହା ରାଗୀ ସେବାକୁ ଗୁରୁତର ପ୍ରଭାବିତ କରୁଛି। ସ୍ଥିତି ଏମିତି ଯେ, ଗ୍ରାମାଞ୍ଚଳର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଆରମ୍ଭ କରି ସହରାଞ୍ଚଳର ଉପଖଣ୍ଡ ଓ ଜିଲ୍ଲା ମୁଖ୍ୟଚିକିତ୍ସାଳୟ ପର୍ଯ୍ୟନ୍ତ ସବୁଠି ଅସ୍ଥିରତା ଦେଖାଯାଉଛି। ଏଭଳି ଗୁରୁତର ପରିସ୍ଥିତି ସତ୍ତ୍ୱେ ସରକାର ଓ ବିରୋଧୀ ଉଭୟଙ୍କର ନୀରବତା ଗଞ୍ଜାମବାସୀଙ୍କୁ ବ୍ୟଥିତ କରିଛି। ତୁରନ୍ତ ନିଯୁକ୍ତି ଓ ଖାଲି ପଦବୀ ପୂରଣ କରିବାକୁ ଜନସାଧାରଣ ଦାବି କରିବା ସହ "ଆଉ କେତେଦିନ" ବୋଲି ଗଞ୍ଜାମବାସୀ ପ୍ରଶ୍ନ କରୁଛନ୍ତି।

ଜିଲ୍ଲାରେ ଗୋଟିଏ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ୪ଟି ଉପଖଣ୍ଡ ଚିକିତ୍ସାଳୟ, ୨୮ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୯୩ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ୧୫ଟି ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର, ୪୧୨ରୁ ଉଦ୍ଧ୍ୱର୍ ଉପ-ସ୍ୱାସ୍ଥ୍ୟକେନ୍ଦ୍ର ରହିଛି।

ମିଳିଥିବା ତଥ୍ୟ ମୁତାବକ ଜିଲ୍ଲାରେ ସମୁଦାୟ ୧୦୭୭ ମଞ୍ଜୁରିପ୍ରାପ୍ତ ଡ଼ାକ୍ତର ପଦବୀ ରହିଥିବା ବେଳେ ମାତ୍ର ଅଛନ୍ତି ୩୨୫ଜଣ ଡ଼ାକ୍ତର। ୭୫୨ ପଦବୀ ଖାଲି ପଡ଼ିଛି। ସେହିଭଳି ୬୩୭ ମଞ୍ଜୁରିପ୍ରାପ୍ତ ନର୍ସିଂ ଅଫିସର ପଦବୀରୁ ମାତ୍ର ୨୧୩ଜଣ କାର୍ଯ୍ୟରତ ଥିବାବେଳେ ୪୨୪ଟି ଫାଙ୍କା ରହିଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କ୍ଷେତ୍ରରେ ୩୬୭ମଞ୍ଜୁରୀପ୍ରାପ୍ତ ପଦବୀରୁ ୩୫୭ଜଣ କାର୍ଯ୍ୟର ଥିବା ବେଳେ ୧୦ଟି ପଦବୀ ଖାଲି ପଡ଼ିଛି। ସେହିଭଳି ଫାର୍ମାସିଷ୍ଟ ପଦବୀରେ ବି ବଡ଼ ସଂକଟ ଦେଖାଦେଇଛି। କାରଣ ୨୦୧ଟି ମଞ୍ଜୁର ପ୍ରାପ୍ତ ପୋଷ୍ଟରୁ ୧୧୮ଜଣ କାର୍ଯ୍ୟରତ ଥିବା ବେଳେ ଏବେ ବି ୮୩ଟି ପବବୀ ଖାଲି ପଡ଼ିଛି। ଅନୁରୂପ ଭାବେ ଏମପିଏଚ୍‌ଏସ୍ ପୁରୁଷ ବର୍ଗରେ ୫୪ଟି ପଦବୀ ଖାଲି ପଡ଼ିଥିବା ବେଳେ ମହିଳା ବର୍ଗରେ ୧୭୬ଟି ଖାଲି ପଡ଼ିଛି।

ବହୁମୂଖୀ ସ୍ୱାସ୍ଥ୍ୟକର୍ମୀ ପୁରୁଷ ବର୍ଗରେ ୫୫୧ଟି ପଦବୀ ଖାଲି ପଡ଼ିଥିବାବେଳେ ମହିଳା ବର୍ଗରେ ୨୪୩ଟି ପୋଷ୍ଟ ଫାଙ୍କା ରହିଛି। ସେହିଭଳି ୪୫ଟି ମଞ୍ଜୁରପ୍ରାପ୍ତ ରେଡ଼ିଗ୍ରାଫର ପଦବୀ ମଧ୍ୟରେ ଜିଲ୍ଲାରେ ମାତ୍ର ୧୭ଜଣ ଥିବା ବେଳେ ୨୮ଟି ପଦବୀ ଖାଲି ପଡ଼ିଥିବା ସୂଚନା ମିଳିଛି। ସେହିଭଳି ଜିଲ୍ଲାରେ ୪୧ଟି ଏଲ୍‌ଟି, ୩ଟି ପିଏଚଇଓ ଓ ୪ଟି ଚକ୍ଷୁ ସହାୟକ ପଦବୀ ମଧ୍ୟ ଖାଲି। ଫଳରେ ଗଞ୍ଜାମରେ ସ୍ୱାସ୍ଥ୍ୟସେବା ଏକପ୍ରକାର ଧ୍ୱଂସାଭିମୂଖୀ ବୋଲି ବୁଦ୍ଧିଜୀବି କହିଛନ୍ତି। ବିଶେଷ କରି ବିଶେଷଜ୍ଞ ଚିକିତ୍ସକଙ୍କ ସଂଖ୍ୟା ସୀମିତ ରହିଥିବାରୁ ଗୁରୁତର ରୋଗୀମାନେ ବଡ଼ ସହରକୁ ରେଫର୍ ହେବାକୁ ବାଧ ହେଉଛନ୍ତି।

ଅନେକ ସ୍ୱାସ୍ଥ୍ୟକେନ୍ଦ୍ର କେବଳ କାମଚଳା ସ୍ଥିତିରେ ଚାଲିଥିବା ବେଳେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବା ଅବସ୍ଥା ସଂକଟାପନ୍ନ। ଫଳରେ ଲୋକେ ବେସରକାରୀ ମେଡ଼ିକାଲ ଅଥବା ନର୍ସିଂହୋମ ଉପରେ ନିର୍ଭର କରୁଛନ୍ତି। ବହୁ ସମୟରେ ଅଯଥା ଖର୍ଚ୍ଚାନ୍ତ ମଧ୍ୟ ହେଉଛନ୍ତି। ଅପରପକ୍ଷେ ଗତ ନିର୍ବାଚନରେ ଗଞ୍ଜାମବାସୀ ଅପାର ଆଶାପ୍ରକଟ କରି ବିଜେପିକୁ ବହୁମତ ଦେଇଥିଲେ। ଏହି ସରକାର ଲୋକଙ୍କ ଆକାକ୍ଷାଂ ପୂରଣ କରିବାରେ କେତେ ମାତ୍ରାରେ ସମର୍ଥ ହେଉଛି ତାହା ଆଗାମୀ ଦିନରେ ଜଣାପଡ଼ିବ ବୋଲି ବୁଦ୍ଧିଜୀବୀ କହିଛନ୍ତି। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନି।

## ଚମାଖଣ୍ଡି ଥାନା ପକ୍ଷରୁ ଜଳଛତ୍ର



ଛତ୍ରପୁର,୨୯ ।୪(ସମିସ): ଚମାଖଣ୍ଡି ଥାନା ତରଫରୁ ଜାତୀୟ ରାଜପଥ ନିକଟରେ ଏକ ଜଳଛତ୍ର ଖୋଲାଯାଇଛି। ଥାନା ଅଧିକାରିଣୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି ଆଜି ଏହି ଜଳଛତ୍ରକୁ ଉଦଘାଟନ କରିଥିବା ବେଳେ ରାସ୍ତାରେ ଯାଉଥିବା ସମସ୍ତ ଡ୍ରାଇଭର, ବାଟୋଇ ଏଠାରେ ଥଣ୍ଡା ପାନୀୟ ଜଳ ସେବନ କରି ନିଜର ତୃଷ୍ଣା ମେଣ୍ଟାଇ ପାରିବେ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିବା ବେଳେ ଆଗାମୀ ଦିନରେ ଥାନା ତରଫରୁ ବିଭିନ୍ନ ଛକରେ ଜଳଛତ୍ର ଖୋଲାଯିବ ବୋଲି ସୂଚନା ମିଳିଛି।

## ବୈଠକ ଗୃହ ପାଇଁ ଭିତ୍ତି ସ୍ଥାପନ



ପୁରୁଷୋତ୍ତମପୁର,୨୯ ।୪(ସମିସ): ପୁରୁଷୋତ୍ତମପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର ଜନ ପ୍ରତିନିଧିଙ୍କ ବୈଠକ ଗୃହ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସକାଶେ ଶୁଭ ଦିଆଯାଇଛି। ବିଡିଓ ଶରତ କୁମାର ପାତ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ଭାବେ ଖଲ୍ଲିକୋଟ ବିଧାୟକ ତଥା ଜିଲ୍ଲା ଉନ୍ନୟନ ବୋଡର୍‌ର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସେଠୀ, କବିସୂର୍ଯ୍ୟନଗରର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ସମାଜସେବୀ ନିର୍ମଳ ଚନ୍ଦ୍ର ସାହୁ, ବ୍ଲକ ଅଧ୍ୟକ୍ଷା ପିଙ୍କି ବେହେରା ଉପସ୍ଥିତ ରହି ନିର୍ମାଣ କାର୍ଯ୍ୟ ସକାଶେ ଶୁଭ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାଣ୍ଡିଆ ସମିତି ସଭ୍ୟ ସୀମାଞ୍ଚଳ ଗୌଡ, ଭାଟକୁମରଡା ସମିତି ସଭ୍ୟ କୋରାନାଥ ସ୍ୱାଇଁ, ଭୂତସରସିଙ୍ଗି ସରପଞ୍ଚ ମନୋଜ ଦାଶ, ଜାମୁନୀ ସରପଞ୍ଚ ଇନ୍ଦ୍ରଜିତ ନାୟକ, ନିର୍ବାହୀ ଯନ୍ତ୍ରୀ ନାଗ ଭୂଷଣ ଯାଦବ ପ୍ରମୁଖ ଉପସ୍ଥିତ ରହି ଶୁଭ ଦେଇ ଥିଲେ। ନୂତନ କୋଠା ନିର୍ମାଣ ସକାଶେ ୩୦ ଲକ୍ଷ ଅଟକଳ ମୂଲ୍ୟ ରହିଥିବା ସୂଚନା ମିଳିଛି।

## ଗୋଷ୍ଠୀ ସଂଘର୍ଷ ମାମଲାରେ ୪ ଗିରଫ

ବେଲଗୁଣ୍ଠା,୨୯ ।୪(ସମିସ): ବେଲଗୁଣ୍ଠା ଥାନା ଅନ୍ତର୍ଗତ ଅଢେଇଗାଁ ଗ୍ରାମରେ ଏକ ଗୋଷ୍ଠୀ ସଂଘର୍ଷ ଓ ମରଣାନ୍ତକ ଆକ୍ରମଣ ଘଟଣାରେ ପୁଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏହି ମାମଲାରେ ପୁଲିସ ଏକ କାର୍, ୪ଟି ବାଇକ୍ ଏବଂ ଆକ୍ରମଣରେ ବ୍ୟବହୃତ ମାରଣାସ୍ତ୍ର (କାତି) ଜବତ କରିଛି। ଗତ ୨୭ ତାରିଖ ରାତି ପ୍ରାୟ ସାଢ଼େ ୧୦ଟାରେ ଅଢ଼େଇ ଗାଁ ଗ୍ରାମର ଭାବଗ୍ରାହୀ ବେହେରା (୪୫) ବେଲଗୁଣ୍ଠା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ ଯେ, ସେହିଦିନ ସନ୍ଧ୍ୟାରେ କାହ୍ନୁ ପ୍ରଧାନ, ଚନ୍ଦନ ପ୍ରଧାନ ପ୍ରାୟ ୬ଟା ସମୟରେ ଶୌଚ ସାରି ଘରକୁ ଫେରୁଥିବା ବେଳେ, ଭଞ୍ଜନଗର ଥାନା କଇଣ୍ଡି ଗ୍ରାମର ଅମି ବେହେରା ଓ ଉତ୍ତୁରା ହରିଜନ ସାହିର ପ୍ରାୟ ୨୨ ଜଣ ବ୍ୟକ୍ତି ୭ଟି ମୋଟରସାଇକେଲ ଏବଂ ଏକ କାର୍‌ରେ ଆସି ଅଢ଼େଇଗାଁ ରାସ୍ତାରେ ସେମାନଙ୍କୁ ଅଟକାଇଥିଲେ। ଅଭିଯୁକ୍ତମାନେ କାହ୍ନୁଙ୍କୁ ଅତର୍କିତ ଆକ୍ରମଣ କରିବା ସହ ଏକ କାତି ସାହାଯ୍ୟରେ ତାଙ୍କ ବେକ ଓ ଦୁଇ ଗୋଡ଼କୁ ହାଣି ପକାଇଥିଲେ। ଏହାସହ ଅଭିଯୁକ୍ତମାନେ ଅଭିଯୋଗକାରୀ ଭାବଗ୍ରାହୀ ବେହେରା ଏବଂ ଚନ୍ଦନ ପ୍ରଧାନଙ୍କୁ ଲାଠିରେ ମାଡ଼ ମାରିବା ସହ ଗାଳିଗୁଲଜ କରିଥିଲେ। ଗୁରୁତର ଆହତ କାହ୍ନୁଙ୍କୁ ପ୍ରଥମେ ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଭାବଗ୍ରାହୀ ବେହେରାଙ୍କ ଅଭିଯୋଗ କ୍ରମେ ବେଲଗୁଣ୍ଠା ଥାନା ରେ ନଂ.୨୦୨-୨୬ରେ ମାମଲା ରୁଜୁ କରି ପୁଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଗିରଫମାନେ ହେଲେ ଭଞ୍ଜନଗର ଥାନା କଇଣ୍ଡି ଗ୍ରାମର ଅମି ବେହେରା (୩୪), ବେଲଗୁଣ୍ଠା ଥାନା ଅନ୍ତର୍ଗତ ଉତ୍ତୁରାର ସୀମା ନାଇକ (୩୪), ପୀତାମ୍ବର ନାୟକ (୩୦), ପ୍ରଦୀପ ନାୟକ (୩୨)।

## ଭଗବାନ ହତ୍ୟା ମାମଲା
# ଫେରାର ଅଭିଯୁକ୍ତ କାଳୁ ଗିରଫ



ବ୍ରହ୍ମପୁର,୨୯ ।୪(ସମିସ): ବଡ଼ବଜାର ଥାନା ଅନ୍ତର୍ଗତ ରେଡିକା ସାହିରେ କେ. ଭଗବାନ ରେଡ୍ଡୀ ହତ୍ୟା ମାମଲାରେ ଫେରାର ଥିବା ଅଭିଯୁକ୍ତ ତଥା ପାଟପୁର ପଞ୍ଚାୟତ ସାହିର କାଳୁ ଦଳାଇ(୨୦)ଙ୍କୁ ପୁଲିସ ଗିରଫ କରି ଆଜି କୋର୍ଟଚାଲାଣ କରିଛି। ପୁଲିସ ଗିରଫ ଅଭିଯୁକ୍ତ କାଳୁର ମୋବାଇଲ ଜବତ ସହ ଘଟଣା ସ୍ଥଳକୁ ନେଇ କ୍ରାଇମ୍ ସିନ୍ ରିକ୍ରିଏସନ୍ କରିଛି। କାଳୁ ଘଟଣା ସ୍ଥଳରେ ହତ୍ୟା ଡେମୋ ଦେଖାଇବା ବେଳେ ପୁଲିସ ଭିଡ଼ିଓ ରେକର୍ଡ଼ କରିବା ସହ ବୟାନ ରେକର୍ଡ କାରିଥିବା ଥାନା ଅଧିକାରୀ ଆଶିଷ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ଏହି ଘଟଣାରେ ଏକାଧିକଙ୍କ ସମ୍ପୃକ୍ତି ରହିଛି। ପୁଲିସ ସେମାନଙ୍କୁ ଚିହ୍ନଟ କରି ସାରିଛି। ଖୁବ୍‌ଶୀଘ୍ର ଫେରାର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି। ବର୍ତ୍ତମାନ ଗିରଫ ସଂଖ୍ୟା ୩ରେ ପହଞ୍ଚିଛି।

ସୂଚନାଯୋଗ୍ୟ ଯେ, ରେଡିକା ସାହିର କେ. ଲିଙ୍ଗା ରେଡ୍ଡୀ ଓ ତାଙ୍କ ପତ୍ନୀ କେ. ଲକ୍ଷ୍ମୀ ରେଡ୍ଡୀ ମିଳିତଭାବେ ବୃଦ୍ଧା ମା' ପାରୁ ରେଡ୍ଡୀଙ୍କୁ ନିର୍ଯାତନା ଦେଇ ଆସୁଥିଲେ। ଏହାକୁ ଲିଙ୍ଗାଙ୍କ ପଡୋଶୀ କେ. ଭଗବାନ ରେଡି ବିରୋଧ କରୁଥିଲେ। ଘଟଣାକୁ ନେଇ ଉଭୟ ପରିବାର ମଧ୍ୟ କଳହ ଲାଗି ରହିଥିଲା। ତେବେ ପ୍ରତିଶୋଧ ପରାୟଣ ହୋଇ ଲିଙ୍ଗା ସହଯୋଗୀଙ୍କୁ ଧରି ଗତ ୧୬ ତାରିଖରେ କେ. ଭଗବାନଙ୍କୁ ଛୁରୀ ଭୂସି ହତ୍ୟା କରିଥିଲେ। ଏନେଇ ବଡ଼ବଜାର ଥାନାରେ ଏକ ହତ୍ୟା ମାମଲା ରୁଜୁ ହେବା ସହ ଗତ ୧୭ ତାରିଖରେ ପୁଲିସ ଲିଙ୍ଗା ଓ ତାଙ୍କ ପତ୍ନୀ ଲକ୍ଷ୍ମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବର୍ତ୍ତମାନ ଉଭୟ ଜେଲରେ ରହିଛନ୍ତି। ଲିଙ୍ଗାଙ୍କ ଘରେ କେହି ନଥିବାରୁ ତାଲା ପଡିଥିଲା। କେ. ଭଗବାନଙ୍କ ମୃତ୍ୟୁ ପରେ ସାହିରେ ଉତ୍ତେଜନା ଲାଗି ରହିଥିଲା। ସେହିକ୍ରମରେ ପୁଲିସ ମଧ୍ୟ ମୁତୟନ କରାଯାଇଥିଲା। ଭଗବାନଙ୍କ ମୃତ୍ୟୁର ୨ଦିନ ପରେ ରାତି ଅଧରେ ଲିଙ୍ଗାଙ୍କ ବନ୍ଦ ଘର ଭିତରେ ଘରେ ହଠାତ ନିଆଁ ଲାଗି ଯାଇଥିଲା। ଘରେ ଥିବା ଟିଭି, ଖଟ, ଆଲମୀରା ଭଳି ସମସ୍ତ ଆସଭାବପତ୍ର ପୋଡିଯାଇଥିଲା। ଖବରପାଇ ବ୍ରହ୍ମପୁର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଘର ଭିତରେ ପଶି ନିଆଁକୁ ଆୟତ କରିଥିଲେ।

### ହତ୍ୟାର ଡେମୋ ଦେଖାଇଲା କାଳୁ

## କୋର୍ଟ ପରିସରରେ ଆଇନଜୀବୀଙ୍କୁ ଆକ୍ରମଣ; ଅଭିଯୁକ୍ତ ଗିରଫ

ଖଲ୍ଲିକୋଟ,୨୯।୪(ସମିସ): ଖଲ୍ଲିକୋଟ କୋର୍ଟ ପରିସରରେ ଆଜି ଜଣେ ଆଇନଜୀବୀଙ୍କ ଉପରେ ଆକ୍ରମଣ ନେଇ ଥାନାରେ ଅଭିଯୋଗ ହୋଇଛି। ପୁଲିସ ଅଭିଯୁକ୍ତକୁ ଗିରଫ କରିଛି।

ଖଲ୍ଲିକୋଟ ଥାନା ଅଧିକାରୀ ରମେଶ କୁମାର ପ୍ରଧାନଙ୍କ ସୂଚନା ଅନୁଯାୟୀ, ବ୍ରହ୍ମପୁରର ଜଣେ ଆଇନଜୀବୀ କଳ୍ପତରୁ ନାୟକ ଆଜି ଖଲ୍ଲିକୋଟ କୋର୍ଟରେ ନିଜ କାମ ସାରି ବ୍ରହ୍ମପୁର ଯିବାକୁ କୋର୍ଟରୁ ବାହାରୁଥିଲେ। ଏହି ସମୟରେ କୋର୍ଟ ମୁଖ୍ୟ ଫାଟକ ନିକଟରେ ସ୍ୱାମୀ-ସ୍ତ୍ରୀ କୌଣସି କାରଣକୁ ଝଗଡ଼ା ଲାଗୁଥିବା ଦେଖି ସେ କିଛି ସମୟ ପାଇଁ ଅଟକି ଯାଇଥିଲେ। କିନ୍ତୁ ହଠାତ ସ୍ୱାମୀ ଜଣକ ଅତର୍କିତ ଭାବେ ଆଇନଜୀବୀ କଳ୍ପତରୁଙ୍କୁ ଆକ୍ରମଣ କରିଥିଲେ। ତାଙ୍କୁ ମାଡ଼ ମାରିବା ସହିତ ପିନ୍ଧି ଥିବା କୋର୍ଟ ଚିରି ଦେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ତୁରନ୍ତ କୋର୍ଟରେ ପହଞ୍ଚି ଅଭିଯୁକ୍ତକୁ ଗିରଫ କରିଥିଲା। ଅଭିଯୁକ୍ତ ଜଣକ ମାନାପଲ୍ଲୀ ଗ୍ରାମର ବିଦେଶୀ ପାତ୍ର ବୋଲି ଜଣାପଡ଼ିଛି। ଏ ନେଇ ଖଲ୍ଲିକୋଟ ଥାନାରେ ନଂ.୩୧୧/୨୦୨୬ରେ ମାମଲା ରୁଜୁ ହୋଇଥିବା ଆଇଆଇସି ସୂଚନା ଦେଇଛନ୍ତି।

● ବ୍ରହ୍ମପୁରରେ ବେଧଡ଼କ ଆଇପିଏଲ ବେଟିଂ
## ସାଇକମ୍ପ୍ଲେକ୍ସରୁ ବୁକିକୁ ଉଠାଇନେଲା ପୁଲିସ

ବ୍ରହ୍ମପୁର,୨୯ ।୪(ସମିସ): ବ୍ରହ୍ମପୁର ସହରରେ ବେଧଡ଼କ ଭାବେ ଚାଲିଛି ଆଇପିଏଲ ବେଟିଂ। ନମସ୍ତେ ଗ୍ରୁପ୍ ଭଳି ଏକାଧିକ ଗ୍ରୁପ୍ ଏହି ଆଇପିଏଲ ବେଟିଂ ପରିଚାଳନା କରୁଛନ୍ତି। ପ୍ରତ୍ୟେକ ଦିନ ଲକ୍ଷ ଲକ୍ଷ ଟଙ୍କା କାରବାର ହେଉଛି। କନିଷି ଓ ସାଇକମ୍ପ୍ଲେକ୍ସ ଭଳି ଅଞ୍ଚଳରୁ ଏହି ବେଆଇନ କାରବାର ପରିଚାଳନା ହେଉଛି। ମୋବାଇଲ ଆପ ଜରିଆରେ ଟଙ୍କା ନେଣଦେଣ କରାଯାଉଛି। ମୁମ୍ବାଇ-ହାଇଦ୍ରାବାଦ ଦଳ ମଧ୍ୟରେ ଆଜି ଚାଲିଥିବା ବେଳେ ଲକ୍ଷ ଲକ୍ଷ ଟଙ୍କା କାରବାର ହେବ ବୋଲି ପୁଲିସକୁ ବିଶେଷସୂତ୍ରରୁ ଖବର ମିଳିଥିଲା। ସେହିକ୍ରମରେ ବ୍ରହ୍ମପୁର ପୁଲିସ ଆଇପିଏଲ ବୁକି ଓ ଏଜେଣ୍ଟଙ୍କ ଉପରେ ନଜର ରଖିଥିଲା। ଗାନ୍ଧୀନଗର ସ୍ଥିତ ସାଇକମ୍ପ୍ଲେକ୍ସରେ ଆଇପିଏଲ ବେଟିଂ ପରିଚାଳନା ହେଉଥିବା ସୂଚନା ମିଳିବା ପରେ ବଡ଼ବଜାର ଥାନା ପୁଲିସ ସେଠାରେ ଅଚାନକ ଚଢ଼ଉ କରିଥିଲା। ଚଢ଼ଉ ବେଳେ ପୁଲିସ ଜଣେ ବୁକିକୁ କାବୁ କରିଥିବା ବେଳେ ତାଙ୍କ ନିକଟରୁ ଏକାଧିକ ମୋବାଇଲ ଜବତ କରିଛି। ଏହି ଘଟଣାରେ ଆଉ କିଛି ଲୋକ ଜଡିତ ଥିବା ପୁଲିସ ସନ୍ଦେହ କରୁଛି। ଏ ନେଇ ପୁଲିସ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ।

## ଯୁବତୀଙ୍କ ଆତ୍ମହତ୍ୟା ଅଭିଯୋଗ

ଦିଗପହଣ୍ଡି,୨୯ ।୪(ସମିସ): ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମର କେଶବ ଦଳାଇଙ୍କ ଝିଅ ଲିଜା ଦଳାଇ(୨୦)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡିକାଲରେ ମୃତ୍ୟୁ ଘଟିଛି। ବୁଧବାର ମଧ୍ୟାହ୍ନରେ ଦିଗପହଣ୍ଡି ଥାନା ଏଏସଆଇ ଦିଲ୍ଲୀପ ଗୋରଡା ବଡ଼ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଯୁବତୀଙ୍କ ବାପା ଜଣେ ଗରିବ ଅସହାୟ ବ୍ୟକ୍ତି। ସେ ଦିନ ମଜୁରିଆ କାମ କରନ୍ତି। ଲିଜା କିଛିଦିନ ହେଲା ଦାରିଦ୍ର୍ୟ ତାଡନାରୁ ଚାପଗସ୍ତ ରହୁଥିଲେ। ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଘରେ କେହି ନଥିବା ସୁଯୋଗ ନେଇ ମାନସିକ ଭାରସାମ୍ୟ ହରାଇ କୌଣସି ବିଷାକ୍ତ ପଦାର୍ଥ ଖାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। ରାତି ପ୍ରାୟ ସାଢେ ୧୦ଟାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ବୁଧବାର ଯୁବତୀଙ୍କ ବାପା ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ଅପରପକ୍ଷରେ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଆଇଆଇସି କିଶୋର କୁମାର ସାମଲ କହିଛନ୍ତି।

## ସରକାରୀ କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର



ଛତ୍ରପୁର,୨୯ ।୪(ସମିସ): ସରକାରୀ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ବଢ଼ାଇବାକୁ ସ୍ୱାସ୍ଥ୍ୟ ପ୍ରତି ସଚେତନତା ଜରୁରୀ। ସରକାରୀ କାର୍ଯ୍ୟର ଚାପ ଏବଂ ବ୍ୟସ୍ତବହୁଳ ଜୀବନଶୈଳୀ ମଧ୍ୟରେ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ବ୍ରହ୍ମପୁର ସ୍ୱାସ୍ଥ୍ୟ ସଦନ ତରଫରୁ ଏଣ୍ଡୋକ୍ରାଇନୋଲୋଜିଷ୍ଟ ଡାକ୍ତର ସୁନିଲ କୁମାର କୋଟାଙ୍କ ତତ୍ତ୍ୱାବଧାନରେ ଛତ୍ରପୁର ସ୍ଥିତ ଗଞ୍ଜାମ ଜିଲ୍ଲା ପରିଷଦର ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ମାଗଣା ସ୍ୱାସ୍ଥ୍ୟ ଯାଞ୍ଚ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା ଓ ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର ଯୋଗଦେଇ ଶୁଭାରମ୍ଭ କରିବା ସହିତ ସେମାନଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିଥିଲେ। ଶିବିରରେ ମୁଖ୍ୟତଃ ରକ୍ତ ଶର୍କରା ଓ ରକ୍ତଚାପ ପରୀକ୍ଷା, ମଧୁମେହ, ଚକ୍ଷୁ ପରୀକ୍ଷା, ଥାଇରଏଡ଼, ଫାଇବ୍ରୋ ସ୍କାନ, ଯକୃତ ଭଳି ରୋଗ ପରୀକ୍ଷା କରାଯାଇଥିଲା।

## ଆକାଶ ହତ୍ୟା ଘଟଣାରେ ଆଉ ୫ ଗିରଫ

ପୋଲସରା,୨୯ ।୪(ସମିସ): ପୋଲସରା ଥାନା ଅନ୍ତର୍ଗତ ବାଲିଘାଇ ଗ୍ରାମରେ ବଡ଼ଭାଇ ରିଙ୍କୁ ଜେନାର ବାହାଘର ଶୋଭାଯାତ୍ରା ବେଳେ ସାନଭାଇ ଆକାଶ ଜେନାଙ୍କୁ ହତ୍ୟା କରିଥିଲେ ଡିଜେ ଚାଳକ ଓ ତାର ସହଯୋଗୀ। ଏହାପରେ ମୁଖ୍ୟ ଅଭିଯୁକ୍ତକୁ ଫାଶୀଦଣ୍ଡ ସହ ଅନ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରି କଠୋର ଦଣ୍ଡ ଦେବାକୁ ଗ୍ରାମବାସୀ ପୋଲସରା ମୁଖ୍ୟ ରାସ୍ତା ଫରେଷ୍ଟ କଲୋନୀ ଛକରେ ରାସ୍ତା ଅବରୋଧ କରି ପ୍ରତିବାଦ କରିଥିଲେ। ପରେ ପୁଲିସ ଲିଖିତ ପ୍ରତିଶ୍ରୁତି ଦେଇ ୨୯ ତାରିଖ ପୂର୍ବରୁ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିବାଦକାରୀଙ୍କୁ କହିଥିଲେ। ଏହି ଘଟଣାରେ ମଙ୍ଗଳବାର ପୁଲିସ ଦୁଇ ଜଣକୁ ଗିରଫ କରିଥିବା ବେଳେ ଘଟଣାରେ ବୁଧବାର ଆଉ ୫ଜଣଙ୍କୁ ଗିରଫ କରିଥିବା ପୁରୁଷୋତ୍ତମପୁର ଏସଡିପିଓ ସୁଜିତ କୁମାର ନାୟକ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ପୋଲସରାର ଶୁଭମ କାଣ୍ତି, ତୋଫାନ ନାୟକ, ତୋଫାନ ରାଉତ, ଅମର ପ୍ରଧାନ, ଧର୍ମରାଜ ସ୍ୱାଇଁ। ସେମାନଙ୍କ ନିକଟରୁ ୩ଟି ଖଣ୍ଡା ଓ ପଲସର ବାଇକ୍ ଜବତ ହୋଇଛି। ବର୍ତ୍ତମାନ ସୁଦ୍ଧା ଏହି ଘଟଣାରେ ୭ ଜଣ ଗିରଫ ହୋଇଥିବା ବେଳେ ଆଗକୁ ଗିରଫଙ୍କ ସଂଖ୍ୟା ବଢିବା ସହ ପୁରା ଘଟଣାର ଖୋଳତାଡ଼ କରାଯିବ ବୋଲି ଏସଡିପିଓ ଶ୍ରୀ ନାୟକ ସୂଚନା ଦେଇଛନ୍ତି।



## ବିଦ୍ୟୁତ୍ ଆଘାତରେ ଯୁବକ ଗୁରୁତର

ଧରାକୋଟ,୨୯ ।୪(ସମିସ): ଧରାକୋଟ ଥାନା ଢଉଗାଁ ଛକ ନିକଟରେ ବୁଧବାର ସକାଳୁ ଏକ ଅଘଟଣ ଘଟିଛି। ଢ଼ଉଗାଁ ବିଲ ମାଳରେ ପୂର୍ବରୁ ଓହଳି ରହିଥିବା ୩୩ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଜୀତେନ୍ଦ୍ର ଦାସ(୪୦)। ଆସିକା ବ୍ଲକର ଚଢେୟାପଲି ପଞ୍ଚାୟତର ଜଗନ୍ନାଥପଲ୍ଲୀ ନିଜ ଗାଁକୁ ବିଲମାଳରେ ନିଜ ସ୍ତ୍ରୀ ଓ ପିଲାମାନଙ୍କ ସହ ଢ଼ଉଗାଁ ଛକରୁ ଚାଲି ଚାଲି ବିଲ ମାଳରେ ଭୋଜି ଖାଇବାକୁ ଜିତେନ୍ଦ୍ର ଦାସ ଯାଉଥିବା ବେଳେ ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜିତେନ୍ଦ୍ରଙ୍କ ଶରୀରର ପ୍ରାୟ ୪୦ ପ୍ରତିଶତ ପୋଡ଼ିଯାଇଥିଲା। ତାଙ୍କୁ ପ୍ରଥମେ ଆସିକା ମେଡ଼ିକାଲ ଓ ପରେ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। କିନ୍ତୁ ତାଙ୍କ ସହ ଥିବା ଦୁଇ ପୁଅ ଝିଅ ଓ ସ୍ତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

ସୂଚନାଥାଉକି ଜିତେନ୍ଦ୍ର ଦୁଇ ପୁଅ ଓ ଝିଅ, ସ୍ତ୍ରୀଙ୍କ ସହ କଙ୍କରଡା ଇଟାଭାଟିରେ କାମ କରୁଥିଲେ। ସ୍ୱାମୀର ଏଭଳି ଅଘଟଣକୁ ନେଇ ସ୍ତ୍ରୀ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି।

## ପୁରୁଷୋତ୍ତମପୁର ପଞ୍ଚାୟତ ସମିତି ବୈଠକ
# କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟକୁ ନେଇ ଅସନ୍ତୋଷ




ପୁରୁଷୋତ୍ତମପୁର,୨୯ ।୪(ସମିସ): ପୁରୁଷୋତ୍ତମପୁର ବ୍ଲକର ଅଷ୍ଟମ ସମିତି ବୈଠକ ଦୀର୍ଘ ୧୫ମାସ ପରେ ବୁଧବାର ଅନୁଷ୍ଠିତ ହୋଇଛି। ବ୍ଲକ ଅଧ୍ୟକ୍ଷା ପିଙ୍କି ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମସ୍ତ ସମିତି ଓ ସରପଞ୍ଚମାନେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ବିଧାୟକ ତଥା ଜିଲ୍ଲା ଉନ୍ନୟନ ବୋର୍ଡ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସେଠୀ, ସମ୍ମାନିତ ଅତିଥି ଭାବେ କବିସୂର୍ଯ୍ୟନଗରର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ଶରତ କୁମାର ପାତ୍ର, ତହସିଲଦାର ବିନୋଦ କୁମାର ବେହେରା, ଏବିଡିଓ ଜୟଶ୍ରୀ ନାୟକ, ନିର୍ବାହୀଯନ୍ତ୍ରୀ ନାଗ ଭୂଷଣ ଯାଦବ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକ ଆରମ୍ଭରେ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ବିବରଣୀ ପଠନ ପରେ ବିଭିନ୍ନ ବିଭାଗର କାର୍ଯ୍ୟକାରିତା ଉପରେ ଆଲୋଚନା କରାଯାଇଥିଲା।

ପୁରୁଷୋତ୍ତମପୁର -ଭୂତସରସିଙ୍ଗି ପୂର୍ତ୍ତ ବିଭାଗ ରାସ୍ତା ପାଶ୍ୱରେ ପାଣି ପାଇପ୍ ବିଛାଇବା ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଖୋଳି ରାସ୍ତା ଉପରେ ମାଟି ଗଦା କରାଯାଇଥିଲା। ଯାହାଦ୍ୱାରା ଜଣେ ମହିଳାଙ୍କର ଅକାଳରେ ଜୀବନ ଚାଲି ଯାଇଥିଲା। ଏହାକୁ ନେଇ ଜନପ୍ରତିନିଧିମାନେ ଅଭିଯୋଗ କରିଥିଲେ। ଜଗନ୍ନାଥପୁର ସରପଞ୍ଚ ପଞ୍ଚାୟତରେ କରାଯାଇଥିବା ବିଭିନ୍ନ କାମର ବିଲ୍ ଯନ୍ତ୍ରୀ କରୁନଥିବା ଓ ନୂତନ କାମ ନକରିବା ଅଭିଯୋଗ କରିଥିଲେ। ଏହି ପଞ୍ଚାୟତକୁ କେବଳ ଉପର ବାଲା ଭରସା ବୋଲି ସରପଞ୍ଚ କହିଥିଲେ। ପାନୀୟ ଜଳ, ରାସ୍ତାଘାଟ, ମହିଳା ଶିଶୁ ବିକାଶ, କୃଷି, ମୃତିକା ସଂରକ୍ଷଣ, ଉଦ୍ୟାନ ବିଭାଗ, ବିଦ୍ୟୁତ ଓ ପରିମଳ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ପଞ୍ଚାୟତରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଠିକ ଭାବେ ହେଉ ନଥିବା ଯୋଗୁଁ ଜନ ପ୍ରତିନିଧିମାନେ ହୋହଲ୍ଲା କରିଥିଲେ। ବୈଠକରେ ୩୬ ନଂ. ଜିଲ୍ଲା ପରିଷଦ ସଭ୍ୟ ଭଜମନ ବେହେରା, ଭୂତସରସିଙ୍ଗି ସରପଞ୍ଚ ମନୋଜ ଦାଶ, ଜାମୁନୀ ସରପଞ୍ଚ ଇନ୍ଦ୍ର ଜିତ ନାୟକ, ପ୍ରତାପପୁର ସରପଞ୍ଚ ଦାଶ ବେହେରା, ପାଣ୍ଡିଆ ସରପଞ୍ଚ ସବିତା ସେଠି, ଅରଖ ପୁର ସରପଞ୍ଚ ରଶ୍ମିତା ସେଠି, ସମିତିସଭ୍ୟ ମିନତି ବେହେରା, ପାଣ୍ଡିଆ ସମିତିସଭ୍ୟ ସୀମାଞ୍ଚଳ ଗୌଡ଼, ଭାଟକୁମରଡା ସମିତି ସଭ୍ୟ କୋରାନାଥ ସ୍ୱାଇଁ, ଭୀମପୁର ସମିତିସଭ୍ୟ ଜଗନ୍ନାଥ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଚନ୍ଦନ ଯାତ୍ରା ପାଇଁ ପ୍ରଶାସନର ପ୍ରସ୍ତୁତି

ରମ୍ଭା,୨୯ ।୪(ସମିସ): ବୁଧବାର ରମ୍ଭା ବିଜ୍ଞାପିତ ଅଞ୍ଚଳ ପରିଷଦର ସଭାଗୃହ ପରିସରରେ ପ୍ରଶାସନିକସ୍ତରୀୟ ଏକ ବୈଠକ ଚନ୍ଦନ ଯାତ୍ରାର ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ଏନ୍‌ଏସି ଅଧ୍ୟକ୍ଷା ମାନସୀ ସ୍ୱାଇଁଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଯାତ୍ରାର ଆନୁସଙ୍ଗିକ ସମସ୍ୟା, ଶାନ୍ତି ଶୃଙ୍ଖଳା, ଠାକୁରଙ୍କ ପହଣ୍ଡି ଓ ଚାପ ଖେଳ ସମୟରେ ବିଶୃଙ୍ଖଳାକୁ ଏଡାଇବା ପାଇଁ ଆଲୋଚନା ହୋଇଥିଲା। ଏଥିରେ କରଣ ବାଡ଼ ଅଧିକାରୀ ଜଗନ୍ନାଥ ଦାଶ ଓ ଓଡ଼ିଆ ବାଡ଼ ଅଧିକାରୀ ନାରାୟଣ ଦାଶ, ଉପାଧ୍ୟକ୍ଷ କାଳିଆ ତରାଇ, ରମ୍ଭା ଥାନା ଆଇଆଇସି କୁମର ମୁଦୁଲି, ଡ଼. ମୀରାବାଇ ପଣ୍ଡା, ରମ୍ଭା ଏନଏସିର ଡ଼. ସରୋଜ ଦାଶ, ଜେଇ ମାନସ ରଞ୍ଜନ ପଣ୍ଡା, ସର୍ବନାମ ଦାଶ, ମନୋଜ କୁମାର ସେନାପତି, କେ. ପ୍ରଭାତୀ, ଅବକାରୀ ବିଭାଗ, ଅଗ୍ନିଶମ ବିଭାଗ ରବୀନ୍ଦ୍ର ନାୟକ, ସୀମାଞ୍ଚଳ ବାଡ଼ତ୍ୟା, କାହ୍ନା ସ୍ୱାଇଁ, ବାବୁଲା ସେଠୀ, ଡଲି ଦାସ, ବିଦ୍ୟୁତ ବିଭାଗ, ବିଭିନ୍ନ ସେଚ୍ଛାସେବୀ ସଂଗଠନ, ସାମାଜିକ କର୍ମୀ, କାଉନସିଲର, ଗଣମାଧ୍ୟମ ପ୍ରତିନିଧି, ରାସ୍ତା ଓ କୋଠାବାଡି ବିଭାଗର କିରାଣୀ ପଞ୍ଚାନନ ଖଟୁଆ, ବନବାସୀ ନାହାକ, ଉମେଶ ମହାନ୍ତି, ଯୋଗୀନ୍ଦ୍ର ସ୍ୱାଇଁ, ମୁନା ସ୍ୱାଇଁ, ଆନନ୍ଦ ସୁବୁଦ୍ଧି, ପିଏଚଡ଼ି ମନୋଜ ଗୌଡ଼, ନିରଞ୍ଜନ ନାୟକ ସମେତ ବହୁ ବରିଷ୍ଠ, ଅଫିସର ଓ ପ୍ରଶାସନିକ ସ୍ତରରେ ଅନେକ ସାମିଲ ହୋଇଥିଲେ।

### ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା

# ଗୋଦାମ ପାଲଟିଛି ଅଂଶୁଘାତ ୱାର୍ଡ; ରୋଗୀଙ୍କୁ ମିଳୁନି ପାଣି

ଶେରଗଡ଼, ୨୯ ।୪(ସମିସ)

ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସମସ୍ୟା ଲାଗି ସବୁବେଳେ ଚର୍ଚ୍ଚାରେ ରହିଛି ଗଞ୍ଜାମ ଜିଲ୍ଲାର ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର । କେତେବେଳେ ଡାକ୍ତର ଅଭାବ ତ ଅନ୍ୟ କେତେବେଳେ ୱାର୍ମର ପୋଡ଼ି ତ ଅନ୍ୟ କେତେବେଳେ ଅଣ ଫାର୍ମାସିଷ୍ଟଙ୍କ ଦ୍ୱାରା ନିରାମୟରେ ଔଷଧ ପ୍ରଦାନ ତ ଆଉ କେତେବେଳେ ପରିବାର ନିୟୋଜନ ଅସ୍ତ୍ରୋପଚାର ସମୟରେ ରୋଗୀଙ୍କୁ ଶୋଷଣ ଭଳି ସମସ୍ୟା ପୂର୍ବରୁ ଦେଖିବାକୁ ମିଳିଛି । ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଦୁଇଟି ନିର୍ବାଚନମଣ୍ଡଳୀ ୩ ଟି ବ୍ଲକର ଶତାଧିକ ଗ୍ରାମବାସୀ ନିର୍ଭର କରନ୍ତି । ଦୀର୍ଘବର୍ଷ ହେବ ଏଠାକାର ଜନସାଧାରଣ ବିଶେଷଜ୍ଞ ଡାକ୍ତର ନଥିବାରୁ ନିଯୁକ୍ତି ଲାଗି ଦାବି କରି ଆସୁଥିଲେ ମଧ ଉପରିସ୍ଥ ଅଧିକାରୀ କର୍ଣ୍ଣପାତ କରୁନାହାନ୍ତି ।

ଏବେ ମେଡ଼ିକାଲର ଇନ୍‌ଡୋରରେ ରୋଗୀ ଏବଂ ସମ୍ପର୍କୀୟଙ୍କ ଲାଗି ପାନୀୟ ଜଳର ଅଭାବ ପରିଲକ୍ଷିତ ହୋଇଛି । ମେଡ଼ିକାଲରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ରାଜ୍ୟ ସରକାର ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଇନ୍‌ଡୋର ୱାର୍ଡର ବାହାରେ ରହିଛି ଆକ୍ୱାଗାର୍ଡ, ତାହା ୩ ବର୍ଷରୁ ଊର୍ଦ୍ଧ୍ୱ ହେବ ଅଚଳ । ଏନେଇ ମେଡ଼ିକାଲ ଇନ୍‌ଚାର୍ଜଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ ସ୍ଥିତି ଯଥା ପୂର୍ବଂ, ତଥା ପରଂ । ମେଡ଼ିକାଲ ଇନଚାର୍ଜ ସପ୍ତାହରେ ତିନି ଦିନ ଆସୁଛନ୍ତି ଏବଂ ପରିବାର ନିୟୋଜନ ଅସ୍ତ୍ରୋପଚାର କରିବା ପରେ ପଳାଉଛନ୍ତି । ମେଡ଼ିକାଲର ସ୍ଥିତି କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଜଣାପଡ଼ିଛି । ଫଳରେ ରୋଗୀ ଏବଂ ସମ୍ପର୍କୀୟ ବାହାରୁ




ପାଣି ବୋତଲ କିଣି ଆଣି ପିଉଛନ୍ତି । ବର୍ତ୍ତମାନ ଆକାଶରୁ ଅଗ୍ନିବର୍ଷା ହେଉଥିବାବେଳେ ସରକାର ବିଭିନ୍ନ ସ୍ଥାନରେ ଯାତ୍ରୀଙ୍କ ଲାଗି ଜଳଛତ୍ର ଖୋଲୁଛନ୍ତି । ଏହାସହ ରାଜ୍ୟ ସରକାର ସମସ୍ତ ବିଭାଗକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ପରାମର୍ଶ ଦେଇଛନ୍ତି । ହେଲେ ଏଠି ପାଣି ମିଳିବା ତ ଦୂରର କଥା, କର୍ମଚାରୀଙ୍କ ହେୟ ମନୋଭାବ ରୋଗୀଙ୍କୁ ଅଧିକ ଯନ୍ତ୍ରଣା ଦେଉଛି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଫୁଁ' କରି ଉଡାଇ ଦିଆଯାଉଛି । ସବୁଠାରୁ ବଡ଼କଥା ହେଲା, ରୋଗୀଙ୍କୁ ଗ୍ରୀଷ୍ମରେ ଅଂଶୁଘାତ ଦାଉରୁ ରକ୍ଷା କରିବାକୁ ଅଂଶୁଘାତ ୱାର୍ଡ ଖୋଲାଯାଇଛି ସତ ହେଲେ ତାହା ଗୋଦାମ ଗୃହରେ ପରିଣତ ହୋଇଛି । ସରକାରଙ୍କ ନିର୍ଦ୍ଦେଶ ମୁତାବକ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଅଂଶୁଘାତ ୱାର୍ଡ ସାମନାରେ ଓଆରଏସ ବିତରଣ ଖୋଲାଯିବା କଥା କିନ୍ତୁ ଆଜି ସୁଦ୍ଧା ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ବା ଅଂଶୁଘାତ ୱାର୍ଡ ସାମନାରେ ଓଆରଏସ୍ ବିତରଣ କେନ୍ଦ୍ର ଖୋଲାଯାଇନାହିଁ ।

ଏଠି ପ୍ରଶ୍ନ ଉଠୁଛି, ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନା ଦାୟିତ୍ୱ କିଏ ନିର୍ବାହ କରୁଛି, କାହିଁକି ରୋଗୀ ବିଶୁଦ୍ଧ ପାନୀୟ ଜଳ ଯୋଗାଣରୁ ବଞ୍ଚିତ, ଅଂଶୁଘାତ ୱାର୍ଡ ଗୋଦାମରେ ପରିଣତ ଏବଂ ଅଂଶୁଘାତ ୱାର୍ଡ ସାମନାରେ ଓଆରଏସ ବିତରଣ କେନ୍ଦ୍ର ନଖୋଲିବା ପଛରେ ରହସ୍ୟ କ'ଣ । ଏସବୁର ତଦନ୍ତ କରାଯାଇ ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶେରଗଡ଼ ଅଞ୍ଚଳର ଯୁବ ସମାଜସେବୀ ବାସୁଦେବ ସ୍ୱାଇଁଙ୍କ ସହିତ ଶେରଗଡ଼ ପଞ୍ଚାୟତ ଯୁବ ପରିଷଦ ଏବଂ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି । ଏନେଇ ଆମେ ଇନ୍‌ଚାର୍ଜଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଯଥାଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି ।

## ଏକା ଥରକେ ଫୁଟିଲା ୧୩ ବ୍ରହ୍ମକମଳ



ଗଞ୍ଜାମ, ୨୯ ।୪(ସମିସ): ଗଞ୍ଜାମ ସହରସ୍ଥିତ ରାଉଳସାହି ସୁରେଶ ମହାପାତ୍ରଙ୍କ ବାଡ଼ିରେ ମଙ୍ଗଳବାର ରାତ୍ରରେ ଏକା ଥରକେ ୧୩ଟି ବ୍ରହ୍ମକମଳ ଫୁଟିଛି । ଯାହାକୁ ନେଇ ପରିବାରରେ ଖୁସିର ଲହର ଖେଳି ଯାଇଥିଲା । ସୁରେଶଙ୍କ ପତ୍ନୀ ନର୍ମଦା ମହାପାତ୍ର ଓ ପୁତ୍ର ମହାପ୍ରସାଦ ଫୁଲ ଗୁଡ଼ିକୁ ତୋଳି ଗଞ୍ଜାମ ସହରରେ ଚାଲିଥିବା ଐତିହାସିକ ଚନ୍ଦନ ଯାତ୍ରାକୁ ନେଇ ଭଗବାନ ଶ୍ରୀମଦନ ମୋହନ ଗୋପାଳ ସ୍ୱାମୀଙ୍କୁ ଅର୍ପଣ କରିଥିଲେ ।

## ଗଛରେ ପିଟିହେଲା ବାଇକ୍; ଦୁଇ ଗୁରୁତର

ଖଲ୍ଲିକୋଟ, ୨୯ ।୪(ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ମଥୁରା ନିକଟରେ ଭାରସାମ୍ୟ ହରାଇ ଗଛକୁ ପିଟିଲା ବାଇକ୍ । ଏଥିରେ ଦୁଇ ଯୁବକ ଗୁରୁତର ଆହତ ହୋଇଛନ୍ତି । ବୁଧବାର ମଧ୍ୟାହ୍ନରେ ନୂତନ ବ୍ରହ୍ମପୁର ଗ୍ରାମର ମଙ୍ଗୁଲୁ ନାହାକ ଓ ଅନ୍ୟ ଜଣେ ଯୁବକ ଖଲ୍ଲିକୋଟ ପଟୁ ଏକ ବାଇକ୍ ଯୋଗେ ନିଜ ଗ୍ରାମକୁ ଫେରୁଥିଲେ । ଏତିକିବେଳେ ମଥୁରା ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇ ଯାଇଥିଲା । ଦୁର୍ଘଟଣାରେ ଉଭୟ ଗୁରୁତର ହୋଇ ରାସ୍ତା କଡ଼ରେ ପଡ଼ିଥିଲେ । ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ଏଠାରେ ପ୍ରାଥମିକ ଚିକିତ୍ସା ପରେ ଦୁହିଁଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା ।

## ସୋଲଣ୍ଡି ଗ୍ରାମରେ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବୁଗୁଡ଼ା, ୨୯ ।୪(ସମିସ): ବୁଗୁଡ଼ା ବ୍ଲକ ଗୋଳାବନ୍ଧ ପଞ୍ଚାୟତ ଅନ୍ତର୍ଗତ ସୋଲଣ୍ଡି ଗ୍ରାମରେ ବାବା ସୁବର୍ଣ୍ଣେଶ୍ୱର ମହାଦେବ ଓ ଶ୍ରୀହନୁମାନଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ, ଘୃତଯଜ୍ଞ, ଅନ୍ନଯଜ୍ଞ ଓ ଗୋଯଜ୍ଞ ଅନୁଷ୍ଠିତ ହୋଇଥିଲା । ଚଢ଼ିଆପଲ୍ଲୀ, ନୂଆ ତନରଡା, ଭାମଶ୍ୟାଳି, ମହୁଲପଲ୍ଲୀ, ଚାଙ୍ଗରାସାହି ଓ ସୋଲଣ୍ଡି ଆଦି ଗ୍ରାମର ନାମ ସଂକୀର୍ତ୍ତନ ଦଳ ନାମଯଜ୍ଞରେ ଅଂଶଗ୍ରହଣ କରିଥିଲେ । ପୁରୋହିତ ଭାବେ ରବୀନ୍ଦ୍ର କୁମାର ମହାପାତ୍ର, ଗୋପାଳଚନ୍ଦ୍ର ହୋତା ଓ ଗୌରୀ କୁମାର ନନ୍ଦ ପ୍ରମୁଖ ଯୋଗଦେଇ ଯଥା ରୀତିନୀତି ପ୍ରକାରେ ପୂଜାକାର୍ଯ୍ୟ ସମ୍ପାଦନ କରିଥିବା ବେଳେ କର୍ତ୍ତା ଭାବେ ସତ୍ୟ ନାରାୟଣ ଭୂୟାଁ ଦାୟିତ୍ୱ ନିର୍ବାହ କରିଥିଲେ । ସୋଲଣ୍ଡି ଗ୍ରାମ୍ୟ କମିଟି ସଭାପତି ସୁରତ ଭୂୟାଁ, ସମ୍ପାଦକ ନନ୍ଦ କିଶୋର ଭୂୟାଁ ଓ କୋଷାଧ୍ୟକ୍ଷ ସନ୍ତୋଷ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ଏବଂ ଗ୍ରାମବାସୀଙ୍କ ସକ୍ରିୟ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାବେଶ ଘଟିଥିଲା ।

## ଗାଲେରୀ କଲେଜରେ ବିଦାୟ ସମ୍ବର୍ଦ୍ଧନା

ଭଞ୍ଜନଗର, ୨୯ ।୪(ସମିସ): ଗାଲେରୀ ସ୍ଥିତ ଦଣ୍ଡପାଣି ମହାରଥା ବିଜ୍ଞାନ ମହାବିଦ୍ୟାଳୟରେ ସ୍ନାତକ ଅନ୍ତିମ ବର୍ଷର ଛାତ୍ରଛାତ୍ରୀଙ୍କୁ ବିଦାୟ ଦିଆଯାଇଥିଲା । ଅଧ୍ୟକ୍ଷ ସୁଶାନ୍ତ କୁମାର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଆ ଅଧ୍ୟାପକ ଦୁର୍ଗା ମାଧବ ଦାଶ, ରାଜନୀତି ବିଜ୍ଞାନ ଅଧ୍ୟାପକ ଦିବ୍ୟ ଲୋଚନ ବିଶ୍ୱାଳ ଓ ବିରୂପାକ୍ଷ ସାହୁ ମଞ୍ଚ ମଣ୍ଡନ କରିଥିଲେ । ଅନ୍ତିମ ବର୍ଷର ଛାତ୍ରଛାତ୍ରୀ ମାନେ ତିନି ବର୍ଷ ଶିକ୍ଷାର୍ଥୀ ଜୀବନର ଅନୁଭୂତିକୁ ଉଜାଗର କରିଥିଲେ । କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ସୁଶାନ୍ତ କୁମାର ନାୟକ ଆରମ୍ଭ କରିଥିଲେ । ଦୁର୍ଗା ମାଧବ ଦାଶ ବେଦ ପାଠ କରିଥିଲେ । ଛାତ୍ରୀ ମନସ୍ୱିତା ସାହୁ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ରାହୁଲ ଓ ବିରୂପାକ୍ଷ ଅନ୍ତିମ ସଙ୍ଗୀତ ଗାନ କରିଥିଲେ । ଛାତ୍ର ସାଗର ଧନ୍ୟବାଦ ଅର୍ପଣ କରିଥିଲେ । ପରିଚାଳନାରେ ଶିଶିର, ଶ୍ରୀକାନ୍ତ, ଆକାଶ, ରୁଦ୍ର, ପ୍ରୀତମା, ପ୍ରଦୀପ, ପବିତ୍ର, ନିବେଦିତା, ମୀରା ପ୍ରମୁଖ ଛାତ୍ରଛାତ୍ରୀ ଓ ଇତିଶ୍ରୀ, ପ୍ରଶାନ୍ତ ସହଯୋଗ କରିଥିଲେ । ଛାତ୍ରୀ ଗିତିକା ଜାନୀ ସଂଯୋଜନା କରିଥିଲେ ।

## ବିଜେପି ପକ୍ଷରୁ ଜନଆକ୍ରୋଶ ଶୋଭାଯାତ୍ରା

ବ୍ରହ୍ମପୁର, ୨୯।୪(ସମିସ): ସଂସଦରେ 'ନାରୀଶକ୍ତି ବନ୍ଦନ ଅଧିନିୟମ' କାଟ ଖାଇବା ପରେ ବିଜେପି ପକ୍ଷରୁ ରାଜ୍ୟ, ଜିଲ୍ଲା ଓ ପଞ୍ଚାୟତ ସ୍ତରରେ ଜନଆକ୍ରୋଶ ମହିଳା ଶୋଭାଯାତ୍ରା କରାଯାଇଛି । ଏହି ପରିପ୍ରେକ୍ଷୀରେ ବିଧାୟକ କେ. ଅନିଲ କୁମାରଙ୍କ ନେତୃତ୍ୱରେ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସାନବଜାର ମଣ୍ଡଳର ୱାର୍ଡ ନମ୍ବର ୧୨, ୧୩, ୧୪, ୧୮, ୧୯ରୁ ଶତାଧିକ ମହିଳା ଏକାଠି ହୋଇ ବିରୋଧୀଙ୍କ ଉପରେ ବିଭିନ୍ନ ନାରା ଦେଇ ସ୍ଥାନୀୟ ଖଲାସି ସାହି ଛକ ଠାରୁ ଧର୍ମନଗର ଦେଇ ହାଉସିଂ ବୋର୍ଡ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ । ପଦଯାତ୍ରାରେ ସାନବଜାର ମଣ୍ଡଳ ପ୍ରଭାରୀ ମନିତା ଦାଶ, ନାରୀନେତ୍ରୀ ସୁମତୀ ସେଠୀ, ପି. ଭାରତୀ, ସନ୍ତୋଷିନୀ ଗଉଡ, ଯୁବନେତା ଶିବ ଯାଦବ ଓ ଭିକି ଆଚାରୀ ପ୍ରମୁଖଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ ।

## 'ମହିଳାଙ୍କୁ ପଛରେ ରଖିବାକୁ ଚାହୁଁଛନ୍ତି ବିରୋଧୀ'

ପାରଳାଖେମୁଣ୍ଡି, ୨୯।୪(ସମିସ): ନାରୀ ଶକ୍ତି ବନ୍ଦନ ଅଧିନିୟମ ବିରୋଧକୁ ନେଇ ବିରୋଧୀ ଦଳ ମିଳିମିଶି ଆଣିବା ପାଇଁ ଦେଲେ ନାହିଁ । ମହିଳାଙ୍କ ପାଇଁ ସଂରକ୍ଷଣ କରିବା ଦ୍ୱାରା ସେହି ଦଳର କ୍ଷତି ସହ ସେମାନଙ୍କ ସ୍ୱାର୍ଥ ପୂରଣ ହେବାର ଆଶଙ୍କାରେ ଏହି ଅଧିନିୟମକୁ ବିରୋଧ କରିଥିଲେ ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବ୍ରହ୍ମପୁର ମେୟର ପ୍ରାର୍ଥୀ ତଥା ବରିଷ୍ଠ ରାଜ୍ୟ ବିଜେପି ନେତ୍ରୀ ସବିତା ସୁଆର କହିଛନ୍ତି । ପାରଳାଖେମୁଣ୍ଡି ସ୍ଥିତ ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅନୁସୂଚିତ ଜନଜାତି ମୋର୍ଚ୍ଚା ଜାତୀୟ ସମ୍ପାଦକ କାଳୀରାମ ମାଝୀ, ଗଜପତି ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି ଅରୁଣିମା ସାହୁ ଓ ଜିଲ୍ଲା ସଭାପତି ନବ କିଶୋର ଶବର ଉପସ୍ଥିତ ଥିଲେ ।

## ଡିଆଇଇଟିରେ ନିର୍ମାଣ ହେବ ଉତ୍କର୍ଷ କେନ୍ଦ୍ର

● ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ



ଖଲ୍ଲିକୋଟ, ୨୯ ।୪(ସମିସ): ଖଲ୍ଲିକୋଟ ସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ସ୍ଥାପନ ହେବାକୁ ଥିବା 'ଉତ୍କର୍ଷ କେନ୍ଦ୍ର'ର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଯାଇଛି । ୭ କୋଟି ୯୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ଉତ୍କର୍ଷ କେନ୍ଦ୍ର (ସେଣ୍ଟର ଅଫ ଏକ୍ସଲେନସି)ରେ ବିଶାଳ ସେମିନାର ହଲ ରହିବ, ଇ-ଲାଇବ୍ରେରୀ, ୪ଟି ଶ୍ରେଣୀ ଗୃହ, ଷ୍ଟାଫ କ୍ୱାର୍ଟର୍ସ ସହିତ ଆହୁରି ଅନେକ ଅତ୍ୟାଧୁନିକ ସୁବିଧା ରହିବ ବୋଲି ଜଣାପଡ଼ିଛି । ଖଲ୍ଲିକୋଟ ବିଧାୟକ ତଥା ଗଞ୍ଜାମ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତି ଭାସନ ଉପସ୍ଥିତ ରହି ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହା ପରେ ଡିଆଇଇଟିର ବାର୍ଷିକ ଉତ୍ସବ-୨୦୨୬ 'ଅର୍ପଣ' ଉଦଘାଟିତ ହୋଇଥିଲା । ଅଧ୍ୟକ୍ଷ ଡଃ.ସନ୍ତୋଷ କୁମାର ପରିଡ଼ା ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ପ୍ରହଲ୍ଲାଦ ନାଟ୍ୟ ଗୁରୁ ପଦ୍ମଶ୍ରୀ ସୀମାଞ୍ଚଳ ପାତ୍ର ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ମୁଖ୍ୟ ପ୍ରଫେସର ସଦାନନ୍ଦ ନାୟକ, ସମ୍ମାନିତ ଅତିଥି ଭାବେ ବୋଲଗଡ଼ ଏକ୍ସପ୍ରେସ ବ୍ରଜ ସୁବୁଦ୍ଧି, କେଶପୁର ମହାବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ବିଷ୍ଣୁ ପ୍ରସାଦ ଦାଶ ପ୍ରମୁଖ ଯୋଗଦେଇଥିଲେ । ଶିକ୍ଷକ ପ୍ରଶିକ୍ଷକ ନବୀନ ପ୍ରାମାଣିକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ପ୍ରଜ୍ଞା ପାରମିତା ବାର୍ଷିକ ବିବରଣୀ ପାଠ କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ସନ୍ଧ୍ୟାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନାଟକ 'କିଏ ଜାଣିଥିଲା ଏମିତି ହେବ' ମଞ୍ଚସ୍ଥ ହୋଇଥିଲା ।

● ଫୁଲବାଣୀ ଗୋପବନ୍ଧୁ ଛକରେ ଶହେ ଫୁଟର ଜାତୀୟ ପତାକା

## ପୌରପାଳିକାର ନୂତନ କାର୍ଯ୍ୟାଳୟ ପାଇଁ ଭିତ୍ତିପ୍ରସ୍ତର

ଫିରିଙ୍ଗିଆ, ୨୯।୪(ସମିସ): ଫୁଲବାଣୀ ଗୋପବନ୍ଧୁ ଛକ ନିକଟରେ ଆଜି ୧୦୦ ଫୁଟ୍ ଉଚ୍ଚତାର ଜାତୀୟ ପତାକାର ଶୁଭ ଉଦ୍‌ଘାଟନ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ କରିଛନ୍ତି । ଏହି ଅବସରରେ ପୌର ପରିଷଦ ଅଧ୍ୟକ୍ଷା ପାୟଲ ବେହେରା ଉପସ୍ଥିତ ଥିଲେ । ଗୋପବନ୍ଧୁ ଛକରେ ଏହି ଜାତୀୟ ପତାକା ଉଡ଼ା ଯାଇଥିଲା । ବିଭିନ୍ନ ସହରରେ ଯେଉଁଭଳି ଜାତୀୟ ପତାକା ଉଡ଼ାଯାଇଛି ସେହିଭଳି ଫୁଲବାଣୀ ସହରର ମଧ ଭାଗରେ ଏହି ପତାକା ଉଡ଼ାଯାଇଛି । ସେହିଭଳି ଫୁଲବାଣୀ ପୌରପାଳିକାର ନୂତନ କାର୍ଯ୍ୟାଳୟ ଭବନର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବା ସହିତ ପୌରପାଳିକା କାର୍ଯ୍ୟାଳୟ ପ୍ରାଙ୍ଗଣରେ ନବନିର୍ମିତ କନଫରେନ୍ସ ଗୃହ ଓ ସ୍ନାନ ଗୃହର ଉଦଘାଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପୌର ପରିଷଦ ନିର୍ବାହୀ ଅଧିକାରୀ ସମରେଶ ମହାନ୍ତି, ପିଡି ଡୁଡା ପ୍ରବୀଣ କୁମାର ବାଣୁଆଙ୍କ ସମେତ ସମସ୍ତ କାଉନସିଲର ଉପସ୍ଥିତ ଥିଲେ । ଯୁବ ବିଜେଡି ନେତା ବିକ୍ରମ ବେହେରା ଓ ପୌର ପରିଷଦର କର୍ମଚାରୀ ଉପସ୍ଥିତ ଥିଲେ ।

## କାଳବୈଶାଖୀ ବର୍ଷା; ଗରମରୁ ଆଶ୍ୱସ୍ତି



ପାରଳାଖେମୁଣ୍ଡି, ୨୯ ।୪(ସମିସ): ପାରଳାଖେମୁଣ୍ଡି ସହର ସମେତ ଆଖପାଖ ଅଞ୍ଚଳରେ ଆଜି ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ବର୍ଷା, ପବନ ଓ ବଜ୍ରପାତ ହୋଇଛି । ଏଥିଯୋଗୁଁ କିଛିଦିନ ହେଲା ଅସମ୍ଭାଳ ରୌଦ୍ରତାପରୁ ଲୋକଙ୍କୁ ଆଶ୍ୱସ୍ତି ଦେଇଛି । କିଛିଦିନ ହେଲା ପାରଳାଖେମୁଣ୍ଡି ସହର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ପାରଦ ୪୦ ଡିଗ୍ରୀ ପାର କରିଥିଲା । ବର୍ଷା ଲୋକଙ୍କୁ ଆଶ୍ୱସ୍ତି ଆଣିଦେଇଥିଲେ ମଧ ପବନ ପ୍ରଭାବରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ, ସ୍ଥାନେ ସ୍ଥାନେ ଗଛଡାଳ ଭାଙ୍ଗିଥିବା ସୂଚନା ମିଳିଛି । ସେହିପରି ପାରଳାଖେମୁଣ୍ଡିରେ ଡ୍ରେନେଜ୍ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ନଥିବା ଯୋଗୁଁ ସହରର ବିଭିନ୍ନ ତଳି ଅଞ୍ଚଳ ଜଳମଗ୍ନ ହୋଇପଡ଼ିଛି ।

## ଅତିରିକ୍ତ ଜିଲ୍ଲାପାଳଙ୍କୁ ବିଦାୟ ସମ୍ବର୍ଦ୍ଧନା



ଛତ୍ରପୁର, ୨୯ ।୪(ସମିସ): ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ବରିଷ୍ଠ ପ୍ରଶାସନିକ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ. ପ୍ରମୋଦ କୁମାର ପୃଷ୍ଟିଙ୍କୁ ବିଦାୟ ଓ ନୂତନ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଜିଲ୍ଲା ପରିଷଦ ସ୍ଥିତ ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଭି କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲ୍ଲାପାଳ ଡ. ପୃଷ୍ଟିଙ୍କୁ ଜଣେ ଦକ୍ଷ ଅଧିକାରୀ ବୋଲି କହିଥିଲେ । ସେହିଭଳି ନୂତନ ଅତିରିକ୍ତ ଜିଲ୍ଲାପାଳଙ୍କୁ ସ୍ୱାଗତ କରିବା ସହିତ ଶ୍ରୀ ନାୟକ ତାଙ୍କର ଗଞ୍ଜାମ ଜିଲ୍ଲାର ପୂର୍ବ ପ୍ରଶାସନିକ ଅଭିଜ୍ଞତାକୁ ପାଥେୟ କରି ସମସ୍ତ ଦାୟିତ୍ୱକୁ ସୂଚାରୁ ରୂପେ ସମ୍ପାଦନ କରିବାକୁ ସକ୍ଷମ ହେବେ ବୋଲି ଜିଲ୍ଲାପାଳ ଆଶାବ୍ୟକ୍ତ କରିଛନ୍ତି । ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ର, ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା, ସୁନୀଲ କୁମାର କେର୍କେଟା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ବିଜୟ କୁମାର ବେହେରା, ବ୍ରହ୍ମପୁର ଉନ୍ନୟନ ପରିଷଦର ସମ୍ପାଦକ ରମେଶ ହାଁସଦା, ଜିଲ୍ଲାର ସମସ୍ତ ଅଧିକାରୀ ମାନେ ଯୋଗଦେଇ ଡ. ପୃଷ୍ଟିଙ୍କର କର୍ତ୍ତବ୍ୟ ନିଷ୍ଠା, ପ୍ରଶାସନିକ ଦକ୍ଷତା, ଅନୁଶାସନ ଓ ଅନ୍ୟାନ୍ୟ ସୁଗୁଣର ସ୍ମୃତିଚାରଣ କରିଥିଲେ । ବ୍ରହ୍ମପୁର ମହାନଗର ନିଗମର ଉପଆୟୁକ୍ତ କଲ୍ୟାଣୀ ସଂଘମିତ୍ରା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

## ଲକ୍ଷ୍ମୀନାରାୟଣ କଲେଜରେ ଶିକ୍ଷା ବିଭାଗର ପାଠଚକ୍ର




କୋଦଳା, ୨୯ ।୪(ସମିସ): କୋଦଳା ସ୍ଥିତ ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ରଘୁନାଥ ମୁଦୁଲିଙ୍କ ସଭାପତିତ୍ୱରେ ଶିକ୍ଷା ବିଭାଗ ତରଫରୁ 'ଜାତୀୟ ଶିକ୍ଷାନୀତି-୨୦୨୦' ସମ୍ପର୍କିତ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅନ୍ତର୍ନିହିତ ଗୁଣାବଳୀ ବର୍ଦ୍ଧକ ସଂଯୋଜକ ସପନ କୁମାର ଦାଶ ଉପସ୍ଥିତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ପାଠଚକ୍ରର ଆଭିମୁଖ୍ୟ ସମ୍ପର୍କେ ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ତଥା ଆଜିର କାର୍ଯ୍ୟକ୍ରମର ଆବାହକ ଡ଼କ୍ଟର ପ୍ରଦୀପ କୁମାର ପଣ୍ଡା କହିଥିଲେ । ବିଷୟ ବିଶାରଦ ଭାବେ କବିସୂର୍ଯ୍ୟ ବଳଦେବ ବିଜ୍ଞାନ ମହାବିଦ୍ୟାଳୟର ଶିକ୍ଷା ବିଭାଗ ମୁଖ୍ୟ ଡ଼କ୍ଟର ପ୍ରଦୀପ କୁମାର ମହାପାତ୍ର ଯୋଗଦେଇ ଜାତୀୟ ଶିକ୍ଷା ନୀତି-୨୦୨୦ ସମ୍ପର୍କେ ଆଲୋଚନା କରିଥିଲେ । ସମ୍ମାନୀତ ଅତିଥି ଭାବେ ଇତିହାସ ବିଭାଗ ମୁଖ୍ୟ ବିନୋଦ କୁମାର ମିଶ୍ର, ଓଡ଼ିଆ ବିଭାଗ ମୁଖ୍ୟ ରଞ୍ଜୁବାଳା ନନ୍ଦ, ଓଡ଼ିଆ ବିଭାଗର ଅଧ୍ୟାପକ ସାଗର ଚାନ୍ଦ ପାତ୍ର ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ଯୁକ୍ତ ତିନି ଶେଷ ବର୍ଷର ଛାତ୍ରୀ ଜ୍ୟୋତି ମହାପାତ୍ର ଓ ରୋସନି ପ୍ରଜ୍ଞା ଶତପଥୀ ପରିଚାଳନା କରିଥିଲେ । ଯୁକ୍ତ ତିନି ଶେଷ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ଶୁଭେଚ୍ଛା ଦିଆଯାଇଥିଲା । ଶିକ୍ଷା ବିଭାଗର ଅଧ୍ୟାପିକା ସାଗରିକା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକାଙ୍କ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ

ପାରଳାଖେମୁଣ୍ଡି, ୨୯ ।୪(ସମିସ): ଜିଲ୍ଲା ନୋଡାଲ ସଚିବ ତଥା ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ ଡ. ଡି ବୃନ୍ଦା ୨ ଦିନିଆ ଗଜପତି ଜିଲ୍ଲା ଗସ୍ତରେ ଆସି ପ୍ରଥମ ଦିବସରେ ମୋହନା, ରା. ଉଦୟଗିରି ଓ ରାୟଗଡ଼ ପରିଦର୍ଶନ କରି ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହିତ ହିତାଧିକାରୀଙ୍କ ସହିତ ଆଲୋଚନା କରିଥିଲେ । ଆଜି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ସମସ୍ତ ସମସ୍ୟାର ସମାଧାନ କରାଯିବ, ଯଥାଶୀଘ୍ର ବିଶେଷଜ୍ଞଙ୍କୁ ନିଯୁକ୍ତି ପ୍ରଦାନ ସହ ବିଭିନ୍ନ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନିତ କରାଯିବ ବୋଲି କହିଛନ୍ତି । ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକଙ୍କ ଗସ୍ତ ସମୟରେ ଭାରପ୍ରାପ୍ତ ଜିଲ୍ଲାପାଳ ମୁନିଦ୍ର ହୋନନାଗା, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଜିଲ୍ଲା ମୁଖ୍ୟ ଚିକିତ୍ସକ ଡା. ଶାନ୍ତନୁ ପାଢ଼ୀଙ୍କ ସମେତ ଚିକିତ୍ସାଳୟ ପରିଚାଳକ ଓ କର୍ମଚାରୀ ଉପସ୍ଥିତ ଥିଲେ ।



### ଏମ୍‌କେସିଜି ଔଷଧ ଭଣ୍ଡାରରୁ ଦାମୀ ଇଞ୍ଜେକ୍ସନ ଚୋରି ଘଟଣା

# ସପ୍ତାହ ପରେ ବି 'ଇନସୁଲିନ୍ ଗ୍ଲାର୍ଜିନ୍ ଇଞ୍ଜେକ୍ସନ୍' ତଥ୍ୟ ମିଳୁନି

ବ୍ରହ୍ମପୁର, ୨୯।୪(ସମିସ)

ଏମକେସିଜି ମେଡିକାଲ ଔଷଧ ଭଣ୍ଡାରରୁ ଦାମୀ ଇଞ୍ଜେକ୍ସନ ଚୋରି ଘଟଣାରେ ଆଭ୍ୟନ୍ତରୀଣ ତଦନ୍ତ ଜାରି ରହିଛି । ଇତିମଧ୍ୟରେ ଘଟଣାକୁ ବିତିଯାଇଛି ୭ଦିନ । ମେଡ଼ିକାଲ ଷ୍ଟୋର ଅଫିସର ଡ଼ା. ଚିନ୍ମୟ ଦେବାଶିଷ ପଣ୍ଡା ଘଟଣାର ତଦନ୍ତ କରି ମେଡ଼ିକାଲ ଅଧୀକ୍ଷକଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି । କିନ୍ତୁ ଇନସୁଲିନ୍ ଗ୍ଲାର୍ଜିନ୍ ଇଞ୍ଜେକ୍ସନ୍‌ର ହେରଫେର ନେଇ ତଦନ୍ତ ହେଉଥିଲେ ହେଁ ଉକ୍ତ ଇଞ୍ଜେକ୍ସନ୍ ସମ୍ପର୍କିତ ସବିଶେଷ ତଥ୍ୟ ବର୍ତ୍ତମାନ ସୁଦ୍ଧା ହସ୍ତଗତ ହୋଇପାରିନାହିଁ । ଷ୍ଟୋର ଫାର୍ମାସିଷ୍ଟଙ୍କୁ ମେଡ଼ିକାଲ ଷ୍ଟୋର ଅଫିସର ଡ଼ା. ପଣ୍ଡା ବାରମ୍ବାର ଇନସୁଲିନ୍ ଗ୍ଲାର୍ଜିନ୍ ଇଞ୍ଜେକ୍ସନ୍‌ର ସମସ୍ତ ତଥ୍ୟ ତଲବ କରିବାର ୭ଦିନ ପରେ ମଧ ମେଡ଼ିକାଲ ପକ୍ଷରୁ କେତେ ପରିମାଣର ଇନସୁଲିନ୍ ଗ୍ଲାର୍ଜିନ୍ ଇଞ୍ଜେକ୍ସନ୍ କ୍ରୟ କରାଯାଇଛି ଏବଂ ତାହା କେଉଁ କେଉଁ ବିଭାଗକୁ ପ୍ରଦାନ କରାଯାଇଛି ଏବଂ କେତେ ସଂଖ୍ୟକ ଇଞ୍ଜେକ୍ସନ ମେଡ଼ିକାଲ ଷ୍ଟୋରରେ ମହଜୁତ ରହିଛି ସେନେଇ ତଥ୍ୟ ମିଳିନାହିଁ । ଫଳରେ ମେଡ଼ିକାଲ ପକ୍ଷରୁ କ୍ରୟ ହୋଇଥିବା ଇନସୁଲିନ୍ ଗ୍ଲାର୍ଜିନ୍ ଇଞ୍ଜେକ୍ସନ୍ ପ୍ରକୃତରେ ରୋଗୀଙ୍କ ଚିକିତ୍ସାରେ ବ୍ୟବହାର ହୋଇଛି କି ନାହିଁ ତାକୁ ନେଇ ସନ୍ଦେହ ଘନୀଭୂତ ହୋଇଛି ।

ଅନ୍ୟପକ୍ଷରେ ରୋଗୀଙ୍କ ଚିକିତ୍ସା ବାବଦକୁ ପ୍ରତିମାସରେ ବିଭିନ୍ନ ପ୍ରକାରର ତଥା ଲକ୍ଷାଧିକ ମୂଲ୍ୟର ଔଷଧ ସରକାରୀ ଅର୍ଥରେ କ୍ରୟ କରାଯାଉଥିଲେ ହେଁ ମେଡ଼ିକାଲ ଷ୍ଟୋର ପକ୍ଷରୁ ସେଗୁଡିକ ରୋଗୀଙ୍କ ଚିକିତ୍ସାରେ ବ୍ୟବହାର ହେଉଚି କି ନାହିଁ ତାହା ସ୍ୱଷ୍ଟ ହେଉନାହିଁ । ଫଳରେ ଔଷଧ ଓ ଇଞ୍ଜେକ୍ସନ କ୍ରୟରେ ବାଟମାରଣା ହେଉଥିବା ଅଭିଯୋଗ ସହ ସେନେଇ ବିଭିନ୍ନ ମହଲରେ ସନ୍ଦେହ ସୃଷ୍ଟି ହୋଇଛି । ମେଡ଼ିକାଲର ଏଭଳି ଅବ୍ୟବସ୍ଥାକୁ ଅନୁଧ୍ୟାନ କଲେ ମେଡ଼ିକାଲ ପକ୍ଷରୁ କ୍ରୟ କରାଯାଉଥିବା ଲୋକାଲ ପର୍ଚ୍ଚେଜ ଔଷଧରେ ଦୁର୍ନୀତିର ଗନ୍ଧ ସ୍ୱଷ୍ଟ ବାରି ହେଉଛି । ତେଣୁ ଏକ ସ୍ୱତନ୍ତ୍ର ତଥଶ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ଉକ୍ତ ଘଟଣାର ତଦନ୍ତ କରାଗଲେ ମେଡ଼ିକାଲର ଲୋକାଲ ପର୍ଚ୍ଚେଜରେ ରହିଥିବା ବିଭିନ୍ନ ଅନିୟମିତତା ସାମ୍ନାକୁ ଆସିବ ବୋଲି ସାଧାରଣରେ ଦାବି ହୋଇଛି ।

**ଡାକ୍ତରଖାନା ପକ୍ଷରୁ ଲୋକାଲ୍ ପର୍ଚ୍ଚେଜରେ ଦୁର୍ନୀତିର ଗନ୍ଧ**

ସୂଚନାଯୋଗ୍ୟ ଯେ, ଚଳିତ ମାସ ୨୨ତାରିଖରେ ଏମକେସିଜି ମେଡ଼ିକାଲର ପିଏମଆର କୋଠାରେ ଥିବା ମେଡ଼ିକାଲ ଷ୍ଟୋରର ଏକ ଡଷ୍ଟବିନରେ ମୋଟ ୨୧ଟି ଇଞ୍ଜେକ୍ସନ ଲୁଚାଇ ରଖାଯାଇଥିବା ଦେଖିବାକୁ ମିଳିଥିଲା । ପ୍ରତ୍ୟେକ ଇଞ୍ଜେକ୍ସନ୍‌ର ମୂଲ୍ୟ ୭୬୯ଟଙ୍କା ରହିଥିବା ଦେଖିବାକୁ ମିଳିଥିଲା । ମେଡ଼ିକାଲ ପକ୍ଷରୁ ମଧୁମେହ ରୋଗୀଙ୍କ ଚିକିତ୍ସା ନିମନ୍ତେ ଇନସୁଲିନ୍ ଗ୍ଲାର୍ଜିନ୍ ଇଞ୍ଜେକ୍ସନ୍ ୧୦୦ଏମଏଲ ଲୋକାଲ ପର୍ଚ୍ଚେଜ କରାଯାଇଥିଲା । ଡାକ୍ତରଙ୍କ ପରାମର୍ଶ କ୍ରମରେ ଟାଇପ୍-୧ ମଧୁମେହରେ ପୀଡିତ ବୟସ୍କ ଓ ପିଲାମାନଙ୍କୁ ଏବଂ ଟାଇପ୍-୨ ମଧୁମେହରେ ପୀଡିତ ବୟସ୍କମାନଙ୍କୁ ଚିକିତ୍ସାରେ ବ୍ୟବହାର କରାଯାଏ । ତେବେ ଏନେଇ କୌଣସି ସ୍ୱଷ୍ଟ ସୂଚନା କିମ୍ବା କୌଣସି କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସୂଚନା ମିଳିପାରିନାହିଁ ।

## ଓଲଟିଲା ବିୟର ବୋଝେଇ ପିକ୍‌ଅପ୍ ଭ୍ୟାନ୍



ଟିକାବାଲି,୨୯।୪(ସମିସ): ଟିକାବାଲି ଥାନା ତାଲରୀମାହା ପଞ୍ଚାୟତ ଶାଳବଣଠାରେ ଏକ ବିୟର ବୋଝେଇ ପିକ୍‌ଅପ୍ ଭ୍ୟାନ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ପିକ୍‌ଅପ୍ ଭ୍ୟାନ ଭଞ୍ଜନଗରରୁ ଫୁଲବାଣୀ ଅଭିମୁଖେ ବିୟର ବୋଝେଇ ହୋଇ ରାତି ୨ଟାରେ ଯାଉଥିବା ସମୟରେ ତାଲରୀମାହାର ଶାଳବଣ ଠାରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଏଥିରେ କେହି ମୃତାହତ ହୋଇନଥିବା ବେଳେ ଚାଳକ ସାମାନ୍ୟ ଆହତ ହୋଇଥିଲେ। କିନ୍ତୁ ଲକ୍ଷାଧିକ ଟଙ୍କାର ବିୟର ନଷ୍ଟ ହୋଇଥିବା ଜଣାପଡିଛି। ଦୁର୍ଘଟଣା ଖବର ପାଇ ଆଖପାଖ ଅଞ୍ଚଳର ଲୋକ ପହଞ୍ଚି କେତେକ ସାହାଯ୍ୟ କରିଥିବା ବେଳେ କେତେକ ବିୟର ନେଇ ପଳାଇଥିଲେ।

## ୬ ମାସ ହେବ ଆସୁନି ପାଣି; ଯନ୍ତ୍ରୀ ବେଫିକର୍

ବାଲିଗୁଡ଼ା,୨୯।୪(ସମିସ): ଗ୍ରୀଷ୍ମ ପ୍ରବାହ ଓ ତାପମାତ୍ରାକୁ ଦୃଷ୍ଟିରେ ରଖି କୋଟି କୋଟି ଟଙ୍କା ବ୍ୟୟ କରି ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଇ ଦେବାକୁ ନାନା ପ୍ରକଳ୍ପ କରାଯାଉଥିବା ବେଳେ ଏହାର ସମ୍ପୂର୍ଣ୍ଣ ବ୍ୟତିକ୍ରମ ଦେଖିବାକୁ ମିଳିଛି ବାଲିଗୁଡ଼ା ମୁଖ୍ୟ ବଜାରରେ। ୬ ମାସ ହେବ ପାଣି ଆସୁନଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ସୂଚନା ଅନୁସାରେ, ବାଲିଗୁଡ଼ା ବସ୍‌ଷ୍ଟାଣ୍ଡ ନିକଟସ୍ଥ ଏନ୍‌ଏସି ଯିବା ରାସ୍ତା ଅଞ୍ଚଳରେ ୬ ମାସ ହେବ ସପ୍ଲାଇ ପାଣି ବନ୍ଦ ରହିଛି। ଏ ନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ ପି ଏଚ୍‌ଡି ବିଭାଗ ଶୁଣୁନଥିବା କହିଛନ୍ତି ଅଞ୍ଚଳବାସୀ। ବସ୍‌ଷ୍ଟାଣ୍ଡ ନିକଟରେ ଥିବା ବହୁ ବ୍ୟବସାୟୀଙ୍କ ସହ ଜନସାଧାରଣ ଏହି ପାଣି ଉପରେ ନିର୍ଭର ଥିବାରୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘଦିନ ହେବ ପାଣି ନଆସିବାରୁ ସକ୍ଷମ ଥିବା କିଛି ଲୋକ ପାଣି କିଣି ବ୍ୟବହାର କରୁଛନ୍ତି। କିନ୍ତୁ ଅନ୍ୟମାନେ ପ୍ରଭାବିତ ହେଉଛନ୍ତି। ଏନେଇ ଯନ୍ତ୍ରୀଙ୍କ ସହ ଆଲୋଚନା କରିବାରୁ ବେଖାତିର ଭାବେ ଏହି ସମସ୍ୟାକୁ ନେଇ ଷ୍ଟାଫ୍‌ଙ୍କ ସହ କଥା ହୁଅ ବୋଲି ମଧ୍ୟ କହିଛନ୍ତି। ଗ୍ରୀଷ୍ମ ଋତୁରେ ପାଣି ଆସୁନଥିବ ଯୋଗୁଁ ଲୋକେ କଷ୍ଟକର ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଯଥାଶୀଘ୍ର ଏହି ସମସ୍ୟାର ସମାଧାନ ନକଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କୁହାଯାଇଛି।

## ଜଳିଗଲା ଚଳନ୍ତା କାର୍; ଅଳ୍ପକେ ବର୍ତ୍ତିଲେ ପରିବାର



ଟିକାବାଲି,୨୯।୪(ସମିସ): ଟିକାବାଲି ଥାନା ବିଜୟୱାଡା-ରାଞ୍ଚି କରିଡର୍ ମୁଖ୍ୟ ରାସ୍ତାରେ ଟିପାରିଗାଁ ନିକଟସ୍ଥ ଛତିଝାର ଛକରେ ଏକ ଚଳନ୍ତା କାର୍‌ରେ ହଠାତ୍ ନିଆଁ ଲାଗି ସମ୍ପୂର୍ଣ୍ଣ ଜଳିଯାଇଛି। ସୌଭାଗ୍ୟବଶତଃ ଗାଡ଼ିରେ ଥିବା ୫ ଜଣ ସଦସ୍ୟ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଅରବିନ୍ଦ ସାହୁ ପରିବାରର ୫ ଜଣ ସଦସ୍ୟଙ୍କ ସହ ଏକ କାର୍‌ରେ ବିଶାଖାପାଟଣାରୁ ଅନୁଗୁଳ ଯାଉଥିଲେ। ଛତିଝାର ଛକ ନିକଟରେ କୌଣସି କାରଣରୁ ଗାଡ଼ିରେ ହଠାତ୍ ନିଆଁ ଲାଗିଯାଇଥିଲା। ଗାଡ଼ିରେ ଥିବା ସମସ୍ତ ସଦସ୍ୟ ତୁରନ୍ତ ବାହାରକୁ ବାହାରି ଆସିବାରେ ସକ୍ଷମ ହୋଇଥିଲେ। ପରେ କାର୍‌ଟି ହୁ ହୁ ହୋଇ ଜଳିଥିଲା। ଖବର ପାଇ ଟିକାବାଲି ପୁଲିସ ଏବଂ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପୁଲିସ ପକ୍ଷରୁ ଯାତ୍ରୀଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନକୁ ନିଆଯାଇଥିଲା।

## ଦୁଇ ଦିନରେ ୩୫୪୮ କେଜି ଗଞ୍ଜେଇ ଜବତ



ବାଲିଗୁଡା,୨୯।୪(ସମିସ): ବାଲିଗୁଡ଼ା ପୁଲିସ ଦୁଇ ଦିନରେ ୩୫୪୮ କେଜି ବେଆଇନ ଗଞ୍ଜେଇ ଜବତ କରିଛି। କନ୍ଧମାଳ ଏସ୍‌ପି ହରିଶ୍ ବିଶିଙ୍କ ନିର୍ଦ୍ଦେଶ ପ୍ରକାରେ ଜିଲ୍ଲାକୁ ଗଞ୍ଜେଇ ମୁକ୍ତ କରିବା ନେଇ ବିଭିନ୍ନ ଥାନା ପକ୍ଷରୁ ବେଆଇନ ଗଞ୍ଜେଇ ଚାଷ ଓ ଚାଲାଣ ଉପରେ ଚଢ଼ଉ ଜାରି ରହିଛି। ସୂଚନା ମୁତାବକ ମଙ୍ଗଳବାର ପୁଲିସ ପକ୍ଷରୁ ବାଲିଗୁଡ଼ା ଥାନା ଅନ୍ତର୍ଗତ ବାରଖମା ଫାଣ୍ଡି ଦଡକଙ୍ଗୀଆ ଅଞ୍ଚଳରେ ସ୍ୱତନ୍ତ୍ର ଟିମ୍ ପାଟ୍ରୋଲିଂ କରି ଗଚ୍ଛିତ ଥିବା ୨୦୧୫ କେଜି ଗଞ୍ଜେଇ ଜବତ କରିଥିଲା। ଏ ସମ୍ପର୍କରେ ଏକ ମାମଲା ରୁଜୁ କରିଥିବା ବେଳେ ଆଜି ଖମଣଖୋଲ ପଞ୍ଚାୟତ ଜଙ୍ଗଲ ଅଞ୍ଚଳରୁ ଗଚ୍ଛିତ ଥିବା ୧୫୩୩ କେଜି ବେଆଇନ ଗଞ୍ଜେଇ ଜବତ କରି ଏକ ମାମଲା ରୁଜୁ କରିଥିଲେ। ଏହି ଦୁଇ ମାମଲାରେ କାହାକୁ ବି ଗିରଫ କରାଯାଇନାହିଁ। କେହି ମାଫିଆ ବେଆଇନ ଗଞ୍ଜେଇ ବାହାର ରାଜ୍ୟକୁ ଚାଲାଣ କରିବା ପାଇଁ ଗଚ୍ଛିତ ରଖିଥିବା ସନ୍ଦେହ କରାଯାଉଛି ବୋଲି ବାଲିଗୁଡ଼ା ଏସ୍‌ଡିପିଓ ଶୁଭମ୍ ଭୋସଲେ କହିଛନ୍ତି।

### ଉତ୍କଳ ସାମ୍ବାଦିକ ସଂଘର ବିକ୍ଷୋଭ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

# ଛଅ ମାସରେ ଦାବି ପୂରଣ ହେବ କହି ଭୁଲି ଯାଇଛନ୍ତି ମୋହନ

ପାରଳାଖେମୁଣ୍ଡି,୨୯।୪(ସମିସ)




ରାଜ୍ୟ ବ୍ୟାପୀ ସରକାରଙ୍କୁ ଘେରିଛି ଉତ୍କଳ ସାମ୍ବାଦିକ ସଂଘ। ସାମ୍ବାଦିକଙ୍କ ବିଭିନ୍ନ ଦାବି ନେଇ ଉତ୍କଳ ସାମ୍ବାଦିକ ସଂଘ ଓଡ଼ିଶା ପକ୍ଷରୁ ଦିଆଯାଇଥିବା ଡାକରାରେ ସାମିଲ ହୋଇ ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଗଜପତି ଜିଲ୍ଲାରେ ମଧ୍ୟ ଏହି ବିକ୍ଷୋଭ ହୋଇଥିଲା। ଜିଲ୍ଲା ସଭାପତି ଦ୍ୱିଜେନ୍ଦ୍ରନାଥ ପାଢୀଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ସାମ୍ବାଦିକ ସାମିଲ ହୋଇ ହାତରେ ବ୍ୟାନର ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବି ନେଇ ନାରାବାଜି କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ଗୁଡିକ ମଧ୍ୟରେ ଅଧିସ୍ୱୀକୃତି କମିଟିର ପୁନର୍ଗଠନ ସହ ଯୋଗ୍ୟ ସାମ୍ବାଦିକଙ୍କୁ ମାନ୍ୟତା ପ୍ରଦାନ, ସାମ୍ବାଦିକଙ୍କ ଉପରେ ବୃଦ୍ଧି ପାଉଥିବା ଆକ୍ରମଣକୁ ଦୃଷ୍ଟିରେ ରଖି ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କରିବା, ୬୦ ବର୍ଷରୁ ଅଧିକ ବୟସର ସାମ୍ବାଦିକଙ୍କୁ ମାସିକ ୧୫ ହଜାର ଟଙ୍କା ପେନସନ, ପ୍ରେସ ଏକାଡେମୀ ଗଠନ କରି ଭୁବନେଶ୍ୱର ଠାରେ ଭବନ ନିର୍ମାଣ କରି ବୃତ୍ତିଗତ କାର୍ଯ୍ୟରେ ଆସୁଥିବା ସାମ୍ବାଦିକଙ୍କୁ ସ୍ୱଳ୍ପ ମୂଲ୍ୟରେ ରହଣି ବ୍ୟବସ୍ଥା, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅଧିକ ସଂଖ୍ୟାରେ ସାମ୍ବାଦିକଙ୍କୁ ଯୋଡ଼ିବା ସହ ମୃତ୍ୟୁକାଳୀନ ଅନୁକମ୍ପା ରାଶି ୧୦ ଲକ୍ଷକୁ ବୃଦ୍ଧି କରିବା ପ୍ରମୁଖ ଦାବି ରହିଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସାମ୍ବାଦିକଙ୍କ କଲ୍ୟାଣ ନେଇ ବାରମ୍ବାର ଦାବି କରି ଆସୁଛନ୍ତି ସାମ୍ବାଦିକ। ଗତ ସରକାରଙ୍କ ସମୟରେ ବିଧାନସଭା ଆଗରେ ସାମ୍ବାଦିକଙ୍କ ସମାବେଶରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସମୟରେ ସେ ସମୟରେ ବିରୋଧୀ ଦଳର ମୁଖ୍ୟ ସଚେତକ ତଥା ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆଶ୍ୱାସନା ଦେଇଥିଲେ ତାଙ୍କ ସରକାର ଆସିଲେ ୬ ମାସ ମଧ୍ୟରେ ଦାବି ପୂରଣ କରାଯିବ। କିନ୍ତୁ ଦୁଇ ବର୍ଷ ହେଲାଣି ସେକଥା ଭୁଲିଯାଇଛନ୍ତି ମୁଖ୍ୟମନ୍ତ୍ରୀ। ଦାବିପତ୍ର ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଚେତାଇ ଦେଇଛି ଉତ୍କଳ ସାମ୍ବାଦିକ ସଂଘ।

## ସାମାନ୍ୟ ବଚସାରୁ ଗୁଳିକାଣ୍ଡ ଅଳ୍ପକେ ବର୍ତ୍ତିଲେ ଯୁବକ



ଟିକାବାଲି,୨୯।୪(ସମିସ): ଟିକାବାଲି ଥାନା କଟିମାହା ପଞ୍ଚାୟତ ଦାସାଗୁଡ଼ା ଆଦିକୁପା ଗ୍ରାମରେ ସାମାନ୍ୟ କଥା କଟାକଟିକୁ କେନ୍ଦ୍ର କରି ଜଣେ ଯୁବକଙ୍କ ଉପରକୁ ଦେଶୀ ବନ୍ଧୁକରୁ ଗୁଳି ଚାଳନା କରାଯାଇଥିବା ଅଭିଯୋଗ ହୋଇଛି। ଏହି ଆକ୍ରମଣରୁ ସୁମନ୍ତ କହଁର ନାମକ ଜଣେ ଯୁବକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଗୁଳି କରିଥିବା ଅଭିଯୁକ୍ତକୁ ପୁଲିସ ଗିରଫ କରିଛି।

ସୂଚନା ଅନୁଯାୟୀ, ଗତକାଲି କୌଣସି ଏକ ବିଷୟକୁ ନେଇ ଗ୍ରାମର ବିଭୁ କହଁର ଓ ସୁମନ୍ତ କହଁରଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ବିଭୂ ଉତ୍‌କ୍ଷିପ୍ତ ହୋଇ ହଠାତ୍ ଏକ ଦେଶୀ ବନ୍ଧୁକ ବାହାର କରି ସୁମନ୍ତଙ୍କ ଉପରକୁ ଗୁଳି ଚଳାଇଥିଲେ। ସୁମନ୍ତ ସୌଭାଗ୍ୟବଶତଃ ରକ୍ଷା ପାଇଯିବା ପରେ ତୁରନ୍ତ ଟିକାବାଲି ଥାନାରେ ପହଞ୍ଚି ଏ ସଂକ୍ରାନ୍ତରେ ଏକ ଲିଖିତ ଅଭିଯୋଗ କରିଥିଲେ। ସୁମନ୍ତଙ୍କ ଅଭିଯୋଗକୁ ଆଧାର କରି ଟିକାବାଲି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଆଦିକୁପା ଗ୍ରାମରେ ଚଢ଼ଉ କରି ଅଭିଯୁକ୍ତ ବିଭୂକୁ କାବୁ କରିବା ସହ ତାଙ୍କ ନିକଟରୁ ବ୍ୟବହୃତ ଦେଶୀ ବନ୍ଧୁକ ଜବତ କରିଛି। ଏ ସମ୍ପର୍କରେ ଟିକାବାଲି ଥାନା ଅଧିକାରୀ ସମୀର କୁମାର ବେହେରା ସୂଚନା ଦେଇ କହିଛନ୍ତି ଯେ, ଅଭିଯୁକ୍ତକୁ ଥାନାରେ ଅଟକ ରଖି ପଚରାଉଚରା କରାଯିବା ପରେ ଆଜି ତାଙ୍କୁ ଜି.ଉଦୟଗିରି କୋର୍ଟକୁ ଚାଲାଣ କରାଯାଇଛି।

### କନିଷ୍ଠ କିରାଣିଙ୍କ ମନମୁଖୀ କାର୍ଯ୍ୟରେ ଲୋକେ ଅତିଷ୍ଠ

## ମାଲମାଲ ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍

ଗୁମ୍ମା,୨୬।୪(ସମିସ): ସରକାରୀ କର୍ମଚାରୀଙ୍କ ସେବା ମନୋଭାବ ପରିବର୍ତ୍ତନ ନହେବା ଏବେ ଚିନ୍ତାର ବିଷୟ ପାଲଟିଛି। ସରକାର କହୁଛନ୍ତି ଲୋକଙ୍କ ଅଭିଯୋଗକୁ ତ୍ୱରିତ ଭାବେ ସମାଧାନ କରିବାକୁ। କିନ୍ତୁ ବାସ୍ତବରେ ନୀତି ନିୟମକୁ ଜଳାଞ୍ଜଳି ଦେଇ ଗୁମ୍ମା ତହସିଲ କାର୍ଯ୍ୟାଳୟର ଜଣେ କନିଷ୍ଠ କିରାଣି ମନମୁଖୀ ଭାବେ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ଅଭିଯୋଗ ସତ୍ତ୍ୱେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଉଛି। ସୂଚନାଯୋଗ୍ୟ ଯେ ଗାଇବା, ଗୁମ୍ମା, ଝାମୀ, ପରିଡ଼ା ଏବଂ ବିଭିନ୍ନ ପଞ୍ଚାୟତର ସୀମା ନିର୍ଣ୍ଣୟ ଏବଂ ଜରୁରୀକାଳୀନ ନଥିପତ୍ର ଆବେଦନ କରାଯାଇଥିଲେ ମଧ୍ୟ ବର୍ଷ ବର୍ଷ ଧରି କାର୍ଯ୍ୟ ପଡି ରହିଛି। ଉକ୍ତ କିରାଣିଙ୍କ ବିରୁଦ୍ଧରେ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ ପରେ ମଧ୍ୟ ସେ କାର୍ଯ୍ୟାଳୟକୁ ଠିକ ସମୟରେ ଆସୁନଥିବା ସହ ନିଜ ମନ ମୁତାବକ କାର୍ଯ୍ୟ ସମ୍ପାଦନ କରିବା ନଜିର ରହିଛି। ବିଭିନ୍ନ ଜରୁରୀ କାମ ବନ୍ଦ ରହିଥିବା ଜାଣିବା ପରେ ତହସିଲଦାର ଏନେଇ ଜିଲ୍ଲା ପ୍ରଶାସନକୁ ମଧ୍ୟ ଅବଗତ କରାଇଛନ୍ତି। ଏନେଇ ତୁରନ୍ତ ଉକ୍ତ କର୍ମଚାରୀଙ୍କୁ ବଦଳି କରିବା ନିମନ୍ତେ ଦାବି କରିଛନ୍ତି ଅଞ୍ଚଳବାସୀ। ଯଦି ବଦଳି କରାନଯାଏ ତାହାହେଲେ ଅଫିସ ଘେରାଉ କରିବା ନିମନ୍ତେ ସୁସ୍ଥିର ସିଂ, ବୁଦ୍ଧିରାମ ଲିମା, ସ୍ଥିପାନ ନାଗ, ଇସାନି ଶବର, ରେବତୀ ଭୂୟାଁ, କଲେବ ଶବର ଏବଂ ଏମନିଏଲ ଲିମ୍ମା ଚେତାବନୀ ଦେଇଛନ୍ତି।

## ଶ୍ରୀରାମ ଡିଗ୍ରୀ କଲେଜରେ ବାର୍ଷିକ କ୍ରୀଡ଼ା




କାଶୀନଗର,୨୯।୪(ସମିସ): ସ୍ଥାନୀୟ ଶ୍ରୀରାମ ଡିଗ୍ରୀ କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ପ୍ରଶାନ୍ତ ବନପାଲିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ପାରଳାଖେମୁଣ୍ଡି ବିଧାୟକ ରୂପେଶ ପାଣିଗ୍ରାହୀ ମୁଖ୍ୟଅତିଥି ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ୍ ଅଧ୍ୟକ୍ଷା ବି. ସାୟାମ୍ମା ମଧ୍ୟ ମଞ୍ଚାସୀନ ଥିଲେ। ପ୍ରଥମେ କଲେଜ ପ୍ରତିଷ୍ଠାତା ସ୍ୱର୍ଗତ ରଘୁନାଥ ସାହୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏନସିସି କ୍ୟାଡଟ ଅତିଥିଙ୍କୁ ସ୍ୱାଗତ ଜଣାଇ ସମ୍ମାନର ସହ ମଞ୍ଚକୁ ନେଇଥିଲେ। ଶିକ୍ଷାର ଗୁରୁତ୍ୱ, କ୍ରୀଡ଼ାର ପ୍ରୟୋଜନୀୟତା ଓ ଛାତ୍ରଛାତ୍ରୀ ଭବିଷ୍ୟତ ଗଢ଼ିବା ନେଇ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସ୍ଥାନୀୟ ଖବରଦାତାଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର, ପ୍ରମାଣପତ୍ର ଓ ସମ୍ମାନ ଦିଆଯାଇଥିଲା। ଅଧ୍ୟାପକ ଦେବକାନ୍ତ ମିଶ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କଲେଜର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଓକିଲ ସଂଘ ପକ୍ଷରୁ ଆଇନଜୀବୀ ଦିବସ

ପାରଳାଖେମୁଣ୍ଡି,୨୯।୪(ସମିସ): ମଧୁବାବୁଙ୍କ ଜୟନ୍ତୀରେ ପାରଳାଖେମୁଣ୍ଡି ଓକିଲ ସଂଘ ପକ୍ଷରୁ କୋର୍ଟ ପରିସରରେ ଆଇନଜୀବୀ ଦିବସ ପାଳନ କରାଯାଇଥିଲା। ସଂଘ ସଭାପତି ରାମକୃଷ୍ଣ ନାୟକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଓ ଦୌରାଜଜ୍ ଜଗଦୀଶ ପ୍ରସାଦ ମହାନ୍ତି ସଭାପତିତ୍ୱ କରିଥିଲେ। ଅତିରିକ୍ତ ଜିଲ୍ଲା ଜଜ୍ ବିଭୁ ପ୍ରସାଦ ପଣ୍ଡା, ରେଜିଷ୍ଟ୍ରାର ସତ୍ୟ ପ୍ରସାଦ ପଣ୍ଡା, ସିଜେଏମ ସ୍ୱପ୍ନାଶ୍ରୀ ନାୟକ ମଞ୍ଚାସୀନ ଓ ଜିଲ୍ଲା ନ୍ୟାୟାଳୟର ସମସ୍ତ ନ୍ୟାୟାଧୀଶ ଓ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ମଧୁବାବୁଙ୍କ ସ୍ମୃତିଚାରଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସମାଜରେ ନ୍ୟାୟ ପ୍ରଦାନ କରିବା ଏବଂ ସମ୍ବିଧାନର ସୁରକ୍ଷା କରିବାରେ ଆଇନଜୀବୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ଆଲୋଚନା କରାଯାଇଥିଲା। ପାରଳାଖେମୁଣ୍ଡି ଓକିଲ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ଅଧ୍ୟକ୍ଷଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଟିକାବାଲି,୨୯।୪(ସମିସ): ଟିକାବାଲିସ୍ଥିତ ଏଏମ୍‌ସିଏସ୍ ମହାବିଦ୍ୟାଳୟ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତିଙ୍କୁ ବିଦାୟ ସମ୍ବର୍ଦ୍ଧନା ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ସମେତ +୨ ଠାରୁ ସ୍ନାତକୋତ୍ତର ପର୍ଯ୍ୟନ୍ତ ସମସ୍ତ ବିଭାଗର ଛାତ୍ରଛାତ୍ରୀ ବିଦାୟ ସମ୍ବର୍ଦ୍ଧନା ଦେଇଛନ୍ତି। ଜଣେ ଉତ୍ତମ ଶିକ୍ଷକ ଓ ଦରଦୀ ମଣିଷ ଭାବେ ତାଙ୍କର ଅଭାବ ଅନୁଭୂତ ହେବ ବୋଲି ବକ୍ତାମାନେ କହିଥିଲେ। ଓଡ଼ିଆ ବିଭାଗର ଅଧ୍ୟାପିକା ନିବେଦିତା ଭୋଇ, ମୁଖ୍ୟ ଅଧ୍ୟାପିକା ଚମ୍ପା ସୋରେନ, ଅଧ୍ୟାପକ ରିଲୁ ପ୍ରଧାନ, ଅଜୟ କୁମାର ଗଣ୍ଡା ଏବଂ ଭଞ୍ଜ କିଶୋର ସାହୁ ଅଧ୍ୟକ୍ଷଙ୍କ କାର୍ଯ୍ୟଶୈଳୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ବିରୂପାକ୍ଷ ତ୍ରିପାଠୀ, କବି ମନୋଜ ଭୋଇ, ଶଙ୍କର ପାଢ଼ୀ, ଅଭୟ ପ୍ରଧାନ ଏବଂ ଅଧ୍ୟାପିକା ସଂଘମିତ୍ରା ଦାସ ମଞ୍ଚାସୀନ ଥିଲେ। ଶେଷରେ ଛାତ୍ରଛାତ୍ରୀ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

### ପଟ୍ଟନାୟକ ବନ୍ଧ ପୁନରୁଦ୍ଧାର କାର୍ଯ୍ୟରେ ଅର୍ଥ ହେରଫେର ଅଭିଯୋଗ

# ଭିଜିଲାନ୍ସ ବୈଷୟିକ ଟିମ୍‌ର ପୁଣି ମାପଚୂପ

ପାରଳାଖେମୁଣ୍ଡି,୨୯।୪(ସମିସ):



■ ପୁଣି ସଫେଇ କାମ ଆରମ୍ଭ,

■ ୨ କୋଟି ୧୧ ଲକ୍ଷ ୫ ହଜାର ଟଙ୍କା ଅନୁଦାନ ସତ୍ତ୍ୱେ ପୂତିଗନ୍ଧମୟ ସ୍ଥିତିରେ ପୋଖରୀ

ପାରଳାଖେମୁଣ୍ଡି ପୌରପରିଷଦର କାର୍ଯ୍ୟଶୈଳୀକୁ ଦେଖି ଭିଜିଲାନ୍ସ ଟିମ୍ ତାଜୁବ ହୋଇଯାଇଛି। ଆଜି ବି ପୁଣି ସେହି ମାପଚୂପ, ପୁଣି ସଫେଇ କାର୍ଯ୍ୟ ଚାଲିଛି। ଆଉ ଭିଜିଲାନ୍ସର ବୈଷୟିକ ଟିମ୍ ମାପଚୂପ ମଧ୍ୟ ଆରମ୍ଭ କରିଛି। ସର୍ବପୁରାତନ ପଟ୍ଟନାୟକ ପୋଖରୀର ପୁନରୁଦ୍ଧାର କାର୍ଯ୍ୟରେ ସରକାରୀ ଅର୍ଥ ହେରଫେର ଅଭିଯୋଗକୁ ନେଇ ୩ମାସ ପୂର୍ବେ ଭିଜିଲାନ୍ସ ତଦନ୍ତ ଆରମ୍ଭ କରିବାକୁ ଏକ ଟିମ୍ ଆସିଥିଲା। ହେଲେ ଏହି ପୋଖରୀର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଓ ପୋଖରୀ ମଧ୍ୟରେ ଥିବା ପରିସ୍ଥିତିକୁ ଦେଖି ସେତେବେଳେ ସଫା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଭିଜିଲାନ୍ସ ଟିମ୍‌ର ନିର୍ଦ୍ଦେଶ ପ୍ରକାରେ ପୌରପରିଷଦ ପକ୍ଷରୁ ସଫେଇ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ହେଲେ ମାତ୍ର କେତେ ଦିନ ସଫେଇ କାର୍ଯ୍ୟ କରି ବନ୍ଦ କରି ଦିଆଯାଇଥିଲା। ଆଜି ପୁଣି ବ୍ରହ୍ମପୁର ଭିଜିଲାନ୍ସ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ପାରଳାଖେମୁଣ୍ଡି ସ୍ଥିତ ପଟ୍ଟନାୟକ ବନ୍ଧରେ ପହଞ୍ଚି ସରଜମିନ ତଦନ୍ତ ଆରମ୍ଭ କରିଥିଲା। ହେଲେ ପୁଣି ସେହି ପୂର୍ବାବସ୍ଥାକୁ ଦେଖି ସଫେଇ କରିବାପାଇଁ ନିର୍ଦ୍ଦେଶ ଦିଆଯାଇଛି। ବନ୍ଧ ପରିସର ସଫେଇ ହେବା ପରେ ପୁଣି ଏହି ଟିମ୍ ତଦନ୍ତ କରିବ ବୋଲି ଜଣାପଡିଛି। ଆଜି ତତ୍କାଳୀନ କନିଷ୍ଠ ଯନ୍ତ୍ରୀ ମଧ୍ୟ ଉପସ୍ଥିତ ଥିବା ଦେଖାଯାଇଥିଲା।

ସୂଚନା ପ୍ରକାରେ, ପଟ୍ଟନାୟକ ବନ୍ଧ ମୋଟ ୩ ଏକର ୩୬୫ ଡେସିମେଲ୍ ପରିଧିରେ ରହିଥିଲା। କାଳକ୍ରମେ ଏହାର ପରିସର ଜବରଦଖଲକାରୀଙ୍କ କବଜାକୁ ଚାଲିଯାଇ କେବଳ ଜଳ ରହଣୀସ୍ଥଳ ହିଁ ବଳକା ହୋଇଛି। ଏହି ବନ୍ଧର ପୁନରୁଦ୍ଧାର ନିମନ୍ତେ ରାଜ୍ୟ ସରକାର ୨୦୦୯ ମସିହାରୁ ଅଦ୍ୟାବଧି ବିଭିନ୍ନ ଯୋଜନାରେ ପ୍ରଥମେ୧ କୋଟି ୮୬ ଲକ୍ଷ ୫ ହଜାର ଓ ପରେ ୨୫ଲକ୍ଷ ଟଙ୍କା ଏପରି ଭାବେ ମୋଟ ୨ କୋଟି ୧୧ ଲକ୍ଷ ୫ ହଜାର ଟଙ୍କା ଅନୁଦାନ ପ୍ରଦାନ କରିଥିଲେ। ଏହି ଟଙ୍କାରେ ବନ୍ଧର ପୁନରୁଦ୍ଧାର, ଗାଧୁଆ ତୁଠ, ପଙ୍କୋଦ୍ଧାର, ରିଟର୍ଣ୍ଣିଂ ୱାଲ୍, କଂକ୍ରିଟ୍ ବ୍ଲକ ପିଚିଂ ସମେତ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ବ୍ୟୟବରାଦ ହୋଇଥିଲା। ପୁନରୁଦ୍ଧାର ନାମରେ ଯେବେ ଠାରୁ କାମ ଆରମ୍ଭ ହେଲା ସେବେ ଠାରୁ ଏହାର ପତନ ମଧ୍ୟ ଆରମ୍ଭ ହୋଇଥିଲା। ପର୍ଯ୍ୟାୟକ୍ରମେ ସରକାର ଅର୍ଥ ମଞ୍ଜୁର କରି ଚାଲିଥିଲେ ମଧ୍ୟ ଠିକାଦାର ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମଧୁଚନ୍ଦ୍ରିକାରେ କାମ ସମାପନ ହୋଇପାରିଲା ନାହିଁ। ଆଜକୁ ପ୍ରାୟ ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏହି ବନ୍ଧ ଲୋକଙ୍କ କୌଣସି ବି ଉପଯୋଗରେ ଆସୁନାହିଁ। ବନ୍ଧ ପୂତିମୟଗନ୍ଧ ପରିବେଶରେ ରହିଛି। ସେହିପରି ଏହାର ଆଖପାଖ ଅଞ୍ଚଳରେ ଅନାବନା ଗଛଲତା ଉଠିଯାଇଛି। ଏଥିଯୋଗୁଁ ପଟ୍ଟନାୟକ ପୋଖରୀ ଅଞ୍ଚଳରେ ଥିବା ମହାବିଦ୍ୟାଳୟ, ବିଭିନ୍ନ ମଠ ମନ୍ଦିର, ଜନବସତିରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଅନ୍ୟପକ୍ଷେ ଭିଜିଲାନ୍ସ ସୂତ୍ରରୁ ଜଣାପଡିଛି ଯେ, ପୋଖରୀର ପୁରୁଣା କାମ କେତେ ଦୂର କାର୍ଯ୍ୟ ହୋଇଛି ତାହାକୁ ନେଇ କଟକରୁ ଚାରି ଜଣିଆ ଭିଜିଲାନ୍ସ ବୈଷୟିକ ଟିମ୍ ମଧ୍ୟ ପହଞ୍ଚି ମାପଚୂପ କରିଛନ୍ତି। ହେଲେ ତଦନ୍ତ କେତେ ଦିନ ପର୍ଯ୍ୟନ୍ତ ଚାଲିବ ତାହା ନିର୍ଦ୍ଦିଷ୍ଟ ଭାବେ ଜଣାପଡିନି।

### ନୂତନ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣକୁ ନେଇ ଅସନ୍ତୋଷ

## ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ



ବାଲିଗୁଡ଼ା,୨୯।୪(ସମିସ): ବାଲିଗୁଡ଼ା ବ୍ଲକ ବରଖମାର ନୂତନ ପଞ୍ଚାୟତ ଗୃହ ନିର୍ମାଣରେ ଜନ ଅସନ୍ତୋଷ ଦେଖାଦେଇଛି। ସୂଚନା ଅନୁସାରେ, ୬ ମାସ ପୂର୍ବରୁ ବରଖମା ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ମଞ୍ଜୁର ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭର୍ଚୁଆଲ ଭାବେ ବାଲିଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ବରଖମା ସରପଞ୍ଚ ଓ ଜନସାଧାରଣଙ୍କ ଉପସ୍ଥିତିରେ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ନିକଟରେ ଏକ ଜମିର ଭୂମି ପୂଜନ କରିଥିଲେ। ଏହି ଜାଗା ବରଖମାର ମୁଖ୍ୟ ବଜାର ସହ ଜନବସତି ନିକଟରେ ହୋଇଥିଲା। କିନ୍ତୁ ନିର୍ମାଣ ବେଳକୁ ଗ୍ରାମବାସୀଙ୍କ ଅଜାଣତରେ ସେହି ଜାଗାରେ ନହୋଇ ବରଖମା ଠାରୁ ବହୁ ଦୂରରେ ନିର୍ମାଣ ହେଉଥିବାରୁ ଅସନ୍ତୋଷ ଦେଖାଦେଇଛି। ଏନେଇ ଅଭିଯୋଗପତ୍ର ସହ ବାଲିଗୁଡ଼ା ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଗ୍ରାମବାସୀ। ସେହି ଜାଗାରେ ପଞ୍ଚାୟତ କାର୍ଯ୍ୟାଳୟ ଗଠନ ହେଲେ ବିଭିନ୍ନ ଅସୁବିଧା ହେବ ବୋଲି କୁହାଯାଇଛି। ବୟସ୍କ ବ୍ୟକ୍ତି ବାର୍ଦ୍ଧକ୍ୟ ଭତ୍ତା ଗ୍ରହଣ, ଜନବସତି ଠାରୁ ଦୂର ହେବା ଏବଂ ନାନା ସମସ୍ୟାର ସମ୍ମୁଖୀନ ହେବା ନେଇ ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ସେହି ପରିବର୍ତ୍ତିତ ଜମି ଚିହ୍ନଟ ପୂର୍ବରୁ କୌଣସି ଗ୍ରାମର ଜନସାଧାରଣଙ୍କ ମତାମତ ନିଆଯାଇନାହିଁ। କାହା ଚାପରେ ବା କାହା ନିର୍ଦ୍ଦେଶରେ ତରବରିଆ ଭାବେ ନୂତନ ଜମି ଚିହ୍ନଟ କରାଯାଇଛି ତାହା ଜନସାଧାରଣଙ୍କ ମନରେ ଅନେକ ପ୍ରଶ୍ନ ସୃଷ୍ଟି କରିଛି। ଏସମ୍ପର୍କରେ ଦାବିପତ୍ର ପ୍ରଦାନ ବେଳେ ବାରଖମା ପୂର୍ବତନ ସରପଞ୍ଚ କୁନାଳ ପ୍ରଧାନ, ୱାର୍ଡ ମେମ୍ବର ପରମାନନ୍ଦ ନାୟକ, ବୁଦ୍ଧିଜୀବୀପ୍ରକାଶ କୁମାର ନାୟକ, ବରିଷ୍ଠ କଂଗ୍ରେସ ନେତା ସଞ୍ଜୀବ ଦିଗାଲ, ଉମେଶ ନାୟକ, ମିହିର କୁମାର ଦିଗାଲ ଓ କର୍ତ୍ତା ଦିଗାଲ ଉପସ୍ଥିତ ଥିଲେ।

### ଚିହ୍ନଟ ସ୍ଥାନ ପରିବର୍ତ୍ତେ ଅନ୍ୟ ସ୍ଥାନରେ ହେଉଛି ନିର୍ମାଣ

